## ଜାନୁୟାରୀ ୧୨ରେ ଜିଲାସ୍ତରୀୟ ମିନି ମାରାଥନ

ନୂଆପଡ଼ା ଅଫିସ: ନୂଆପଡ଼ା ଯୁବ କଂଗ୍ରେସ ପକ୍ଷରୁ ଜାନୁୟାରୀ ୧୨ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ମିନି ମାରାଥନ ଦୌଡର ପ୍ରସ୍ତୁତି ବୈଠକ କୋମନା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ କଂଗ୍ରେସ କମିଟି ସଭାପତି କୈଳାସ ଚନ୍ଦ୍ର ବାଗ, ଅମିତ ଅହିର, ବ୍ଲକ ଯୁବ କଂଗ୍ରେସ ସଭାପତି ନରେନ୍ଦ୍ର ନାଗ ଯୋଗଦେଇ ଏହି ମାରାଥନ ଦୌଡ ପ୍ରତିଯୋଗିତାର ଅଧିକ ସଂଖ୍ୟକ କ୍ରୀଡାପ୍ରେମୀ ଅଂଶଗ୍ରହଣ କର କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ଲାଠୋର ଧନୁଯାତ୍ରା ଉଦ୍‌ଘାଟିତ


ବସୁଦେବଙ୍କ ବିବାହର ଏକ ଦୃଶ୍ୟ।

**ଲାଠୋର,୨୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ନିକଟରେ ୧୩ତମ ଧନୁଯାତ୍ରା ଶୁକ୍ରବାର ଉଦଘାଟିତ ହୋଇଛି। ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ଶଙ୍କରଲାଲ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧନୁଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ମେହେର, ଦଶରଥ ପାଣିଗ୍ରାହୀ,ଦୁର୍ଗାପୂଜା କମିଟି ସଭାପତି ଉମେଶ ଭଇଁଷାଲ ଉପସ୍ଥିତ ଥିଲେ। ଡିସେମ୍ବର ୩୧ ପର୍ଯ୍ୟନ୍ତ ଧନୁଯାତ୍ରା ଚାଲିବ। କଂସ ଭୂମିକାରେ ବରଗଡ଼ ଜିଲା ଦେଓଗାଁର ଜଗଦାନନ୍ଦ ମିଶ୍ର, ମହାମନ୍ତ୍ରୀ ଭୂମିକାରେ ପଣ୍ଡକିଟାଲର ଦିଲ୍ଲୀପ ପୋଦ୍ଦ ଅଭିନୟ କରୁଛନ୍ତି। ଶୁକ୍ରବାର ପ୍ରଥମ ରଜନୀରେ ଉଗ୍ରେସନଙ୍କ ରାଜ ଦରବାର, ଦେବକୀ ବସୁଦେବ ବିବାହ ସମ୍ପନ୍ନ ଦୃଶ୍ୟ ଅଭିନୀତ ହୋଇଥିଲା। କମିଟି ସମ୍ପାଦକ ସଚିକାନ୍ତ ଦାସ, ଉପସଭାପତି ବିଦ୍ୟାଧର ଗୁର୍ଲା, ସୁଶିଲ ଅଗ୍ରୱାଲ, ବିଶ୍ୱହରି ନାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### ଭୂମିକାର ସ୍ୱନକ୍ଷତ୍ର, ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ,୨୪।୧୨:** ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକାର ସ୍ୱନକ୍ଷତ୍ର ଏବଂ ସାଧାରଣ ପରିଷଦ ବୈଠକ ବେଲଖଣ୍ଡି ଧବଳେଶ୍ୱରୀ ମହାଦେବ ମନ୍ଦିର ଶୈବପୀଠରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ବ୍ୟାସଦେବ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସହସମ୍ପାଦକ ଶକ୍ତିଦତ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ସଞ୍ଜୀବ ମହାନ୍ତି ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବାର୍ଷିକ ନାଟକ, ନାଟ୍ୟ କର୍ମଶାଳା, ଚିତ୍ରାଙ୍କନ କର୍ମଶାଳା, ନାଟ୍ୟ ରମ୍ୟ ରଚନା କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ୨୦୨୩ ମସିହା ପାଇଁ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚିତ୍ତରଞ୍ଜନ ଦାଶ ସଭାପତି, ଅଶୋକ କୁମାର ଦାସ ଉପସଭାପତି, ରାଜୀବ ଲୋଚନ ଆଚାର୍ଯ୍ୟ ସାଧାରଣ ସମ୍ପାଦକ, ସୋମ ନାଏକ ସହସମ୍ପାଦକ, ସଞ୍ଜୀବ ମହାନ୍ତି କୋଷାଧକ୍ଷ, ଶକ୍ତିଦତ୍ତ ମିଶ୍ର ସଂଯୋଜକ ଏବଂ ବୀରେନ୍ଦ୍ର ବନ୍ଛୋର ଲୋକସମ୍ପର୍କ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ପ୍ରଫେସର ମଧୁସୂଦନ ପତି ଏବଂ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ମନୋନୀତ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ରେଳଷ୍ଟେସନ ସଡ଼କ ନିର୍ମାଣ ପାଇଁ ଭୂମିପୂଜନ

**ନୂଆପଡ଼ା ଅଫିସ୍,୨୪।୧୨:** ନୂଆପଡ଼ା ରେଳଷ୍ଟେସନ ଉଭୟ ପ୍ଲାଟଫର୍ମର ସଡକ ନିର୍ମାଣ ପାଇଁ ଭୂମିପୂଜନ ଓ ଜନସାଧାରଣ ଶୌଚାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦାନ କରି ଭୂମିପୂଜନ କରିଛନ୍ତି। ଏହି ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ପୂର୍ବତନ ବିଧାୟକ ହିତେଶ ବଗର୍ତି, ଦେବଦେବ ସିଂ ଦେଓ, ଅଭିନନ୍ଦନ ପଣ୍ଡା, ସଦାନନ୍ଦ ଯୋଶୀ, ତୁଲସ ପଟେଲ,ଦୃଷ୍ଟିଚନ୍ଦ୍ର ମାଝି, ସୋନିଆ ଗୋଲଡି ଜୈନ, ଶିବ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ୩୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂଆପଡ଼ା ରେଳ ଷ୍ଟେସନର ୧ ଓ ୨ ନମ୍ବର ପ୍ଲାଟଫର୍ମର ଉଭୟ ପାର୍ଶ୍ୱର ସଡକ ନିର୍ମାଣ ପାଇଁ ଭୂମି ପୂଜନ ହୋଇଥିବାବେଳେ ମହାନଦୀ କୁଲଫିଲଡ ଲିମିଟେଡର ସିଏସ୍ଆର ଫଣ୍ଡରୁ ନିର୍ମାଣାଧିନ ଜନସାଧାରଣ ଶୌଚାଳୟର ଉଦ୍‌ଘାଟନ କରାଯାଇଥିଲା। ଆଶା ଜୈନ, ଅତିନ୍ଦ୍ର ମଲ୍ଲିକ, ଡମ୍ବରୁ ମହାନନ୍ଦ, ବିକ୍ରମ ଆଡବଙ୍ଗ, ଚନ୍ଦନ ଠାକୁର, ରାକେଶ ଜୈନ, ଚର୍ତୁଭୂଜ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

# ଗୋଟିଏ ପ୍ରକଳ୍ପ, ଦୁଇ ସୂଚନା ଫଳକ

## ଉନ୍ନୟନ କାମରେ ଦୁର୍ନୀତି ଅଭିଯୋଗ

**ଲୋଇସିଂହା,୨୪।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତରେ ଉନ୍ନୟନ କାମରେ ଅନିୟମିତତା ହୋଇଛି। କେଉଁଠି ରାସ୍ତା କାମ ପାଇଁ ଉଠାଯାଇଥିବା ମାଟିକୁ ମାଟି ପୁନରୁଦ୍ଧାର ଦର୍ଶାଯାଇଛି ତ, ଆଉ କେଉଁଠି ଗୋଟିଏ ପ୍ରକଳ୍ପରେ ଦୁଇଟି ସୂଚନା ଫଳକ ଲଗାଯାଇ ଅନୁଦାନ ହରିଲୁଟ ଭଳି ସଙ୍ଗୀନ ଅଭିଯୋଗ ହେଉଛି। ପଞ୍ଚାୟତ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମରେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ତରଫରୁ ଗ୍ରାମର ମନବୋଧ କଣ୍ଟାରେ ବିଧାୟକ ପାଣ୍ଠିରୁ ୫ଲକ୍ଷ ବ୍ୟୟ ଅଟକଳରେ ମାଟି ପୁନରୁଦ୍ଧାର କରାଯାଇଛି। ଏ ନେଇ ଅନୁଦାନ ଅର୍ଥ ଉଠି ସାରିଛି। ହେଲେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା ଯେ, ଚଳିତ ବର୍ଷ ପୂର୍ତ୍ତ ବିଭାଗ ପକ୍ଷରୁ ତଲିଉଡାର-ଉପରବାହାଲ ରାସ୍ତା ଉନ୍ନତୀକରଣ ବେଳେ ଉକ୍ତ ଜଳାଶୟରୁ ଠିକାଦାର ମାଟି ଉଠାଇ ରାସ୍ତାପାର୍ଶ୍ୱରେ ପକାଇଥିଲେ। ସେତେବେଳେ ପୋକଲିନ ମେଶିନ ଓ ହାଇୱା ସହାୟତାରେ ମାଟି ଉଠାଣ ହୋଇଥିଲା। ଏହାକୁ ଆଳ କରି ସ୍ଥାନୀୟ କେତେକ ଯୁବନେତା ମେଶିନ ଲଗାଇ ଏହି ଜଳାଶୟରୁ ଉଠାଯାଇଥିବା ମାଟିସ୍ଥଳକୁ ସାଇଜ କରିଥିଲେ। ପରେ ସେମାନେ ବ୍ଲକ ପ୍ରଶାସନକୁ ହାତ କରି ଜଳାଶୟର ମାଟି ପୁନରୁଦ୍ଧାର ଦେଖାଇ ଅନୁଦାନ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ବୁରୋମୁଣ୍ଡା ଗ୍ରାମର ମହନ ମୁଣ୍ଡା ଜଳାଶୟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସାଢେ ୪ ଲକ୍ଷ ବ୍ୟୟ ଅଟକଳରେ ମାଟି ଉନ୍ନତୀକରଣ କରାଯାଇଛି। ଅପରପକ୍ଷେ ଉକ୍ତ ପ୍ରକଳ୍ପର ଅନ୍ୟ ଏକ ପାର୍ଶ୍ୱରେ ଏକ ସୂଚନା ଫଳକ ଲଗାଯାଇଛି। ଉକ୍ତ ସୂଚନା ଫଳକରେ କାର୍ଯ୍ୟର ନାମ ମେହେରମୁଣ୍ଡା ମାଟି ଉନ୍ନତୀକରଣ ଲେଖାଯାଇଛି। ଏହା ମଧ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ, ବ୍ୟୟ ଅଟକଳ ୫ଲକ୍ଷ ଦର୍ଶାଯାଇଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗ୍ରାମ ଉପରଉଡାର ଉଲ୍ଲେଖ ରହିଛି। ବୁରୋମୁଣ୍ଡା ଗ୍ରାମ ପ୍ରକଳ୍ପରେ ଉପରଉଡା ଲେଖାଯାଇଥିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଛି। ବିଭାଗୀୟ ଯନ୍ତ୍ରୀ ନିରଞ୍ଜନ ମହାରଣା କହିଛନ୍ତି, ବୁରୋମୁଣ୍ଡା ଏମ୍‌ଜିଏନ୍‌ଆର୍‌ଇଜିଏସରେ ପ୍ରକଳ୍ପରେ ଦୁଇଟି ଫଳକ ଲାଗିଥିବା କଥା ଜିଆରଏସ୍‌ଙ୍କଠାରୁ ଜାଣିବାକୁ ପାଇଛି। ମନବୋଧ କଣ୍ଟାରେ ବିଧାୟକ ପାଣ୍ଠି କାମକୁ ନେଇ ପଚାରିବାରୁ ସେ ନିରୁତ୍ତର ରହିଥିଲେ।


ମହନମୁଣ୍ଡା ଜଳାଶୟ ମାଟି ଉନ୍ନତୀକରଣ ଫଳକ।


ମେହେରମୁଣ୍ଡା ମାଟି ଉନ୍ନତୀକରଣ ନାମରେ ଲଗା ଯାଇଥିବା ଫଳକ।

# ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା


ଜଣେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଟିଟିଲାଗଡ, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୨ତମ ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଉଚ୍ଚଶିକ୍ଷା ବିଭାଗ ବିତ୍ତୀୟ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ମନୋରଞ୍ଜନ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ମେଜର ମଧୁସୂଦନ ମିଶ୍ର ଯୋଗଦେଇଥିଲେ। ପ୍ରଥମ ଦିନରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ର ବାଳିକା, ବାଳକମାନଙ୍କ ଦୌଡ଼, ଡିସକସ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, ଶଟପୁଟ ଆଦି ଇଭେଣ୍ଟରେ ଖେଳ ହୋଇଥିଲା। ଦ୍ୱିତୀୟ ଦିବସରେ ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର, ସ୍ଲୁନରେସ, ୫ହଜାର ମିଟର ଦୌଡ଼, ଏବଂ ଶିକ୍ଷକ ଓ କର୍ମଚାରୀ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଟିଟିଲାଗଡ଼ ବିଧାୟିକା ତଥା ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଖେଳ ସହିତ ଭଲ ପାଠ ପଢିଲେ ରାଜ୍ୟ ଓ ଦେଶରେ ସୁନାମ ଆଣିବ ବୋଲି କହିଥିଲେ। ମହାବିଦ୍ୟାଳୟରେ ଏକ ଜିମ ଖେଳପଡିଆ ପାଇଁ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାର୍ଷିକ କ୍ରୀଡାରେ ଯୁକ୍ତ ୨ ଚାମ୍ପିୟନ ଛାତ୍ରୀ ଭାଗ୍ୟବତୀ ରଣା, ଛାତ୍ର ବିକାଶ ରଣା, ଯୁକ୍ତ ୩ର ଛାତ୍ରୀ ପୁଷ୍ପାଞ୍ଜଳି ମାଝି, ଛାତ୍ର ଦିବାକର ନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ କ୍ରୀଡା ବିଭାଗ ଉପସଭାପତି ଡ଼ ରମାକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବନ୍ଦନା କର ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ବୈଷ୍ଣବ କବାଟ ଖେଳ ପରିଚାଳନା କରିଥିଲେ।

# ନାଗରିକ କମିଟିର ବ୍ରାହ୍ମଣପଡା ୟୁପି ସ୍କୁଲ ପରିଦର୍ଶନ


ନାଗରିକ କମିଟି ସଦସ୍ୟମାନେ ସ୍କୁଲ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୪।୧୨**

ବଲାଙ୍ଗୀର ଜିଲା ନାଗରିକ କମିଟି ଶିକ୍ଷା ବିଭାଗ ସବ୍ କମିଟି ସଭ୍ୟମାନେ ସ୍ଥାନୀୟ ବ୍ରାହ୍ମଣପଡା ୟୁପି ସ୍କୁଲ ପରିଦର୍ଶନ କରି ସ୍କୁଲର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଥିଲେ। ସିଆରସିସି ରଶ୍ମିତା ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ବେହେରା, ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ରାଏଗୁରୁ, ଉତ୍ତମା ବାଗ, ଗୀତାଞ୍ଜଳି ପଟେଲ ତଥା ଭାରତୀ ପାଣିଗ୍ରାହୀ ବିଦ୍ୟାଳୟରେ ଉପସ୍ଥିତ ଥିଲେ। କମିଟି ସଦସ୍ୟ ଧର୍ମବ୍ରତ ରଥ, ଗୋପଭୂଷଣ ନାଥ, ପୀତବାସ ପଣ୍ଡା, ଦିବାକର ହୋତା ଏବଂ ଆର୍ତ୍ତତ୍ରାଣ ମିଶ୍ର ପରିଦର୍ଶନ କରିଥିଲେ। ଶିକ୍ଷାଦାନ ଉପଯୋଗୀ ୪ଟି ଶ୍ରେଣୀ ଗୃହ ଥିବାବେଳେ ୩ଟି କୋଠରୀ ମରାମତି ଅଭାବରୁ ବ୍ୟବହାରଯୋଗ୍ୟ ହୋଇନାହିଁ। ଅଷ୍ଟମ ଶ୍ରେଣୀ ପାଇଁ ହିନ୍ଦୀ, ସଂସ୍କୃତ ଏବଂ ଖେଳ ଶିକ୍ଷକ ଏପର୍ଯ୍ୟନ୍ତ ନିଯୁକ୍ତି ପାଇ ନାହାନ୍ତି। ବିଦ୍ୟାଳୟରେ ଷ୍ଟାଫ୍ ଶୌଚାଳୟ ଏବଂ ବାଳକ ଶୌଚାଳୟ ନାହିଁ। ପିଇବା ପାଣି ସଂରକ୍ଷଣ ବ୍ୟବସ୍ଥା ନାହିଁ। ବୋରୱେଲ ଅଚଳ ଅବସ୍ଥାରେ ଅଛି। ଲକ୍ଷ୍ମୀଯୋର ପଟକୁ ସ୍କୁଲର ପାଚେରୀ ନ ଥିବାରୁ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ଲାଗି ରହିଛି। ସ୍କୁଲର କିଛି ଅଂଶ ଜବରଦଖଲ ହୋଇଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ସୂଚନା ଦିଆଯାଇଛି। ବର୍ଷା ଦିନେ ବିଦ୍ୟାଳୟର ରାସ୍ତାକଡର ଶ୍ରେଣୀ କୋଠରିଗୁଡିକର କାନ୍ଥରୁ ତଥା ଛାତରୁ ପାଣି ଝରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ବିଦ୍ୟୁତ ସଂଯୋଗୀକରଣ ହୋଇପାରି ନ ଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଏ ନେଇ କମିଟି ସଦସ୍ୟମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ।

# ଧାର୍ଯ୍ୟ ସମୟରେ ମିଳୁନି ପ୍ରମାଣ ପତ୍ର

## ଲୋଇସିଂହା ତହସିଲ

**ଲୋଇସିଂହା,୨୪।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲରୁ ବିଭିନ୍ନ ପ୍ରମାଣ ପତ୍ର ପାଇବା ପାଇଁ ଆବେଦନକାରୀ ହଟହଟା ହେଉଛନ୍ତି। ଧାର୍ଯ୍ୟ ଦିସବରେ ମ୍ରି ନ ଥିବାରୁ ଆବେଦନକାରୀ ତହସିଲ କାର୍ଯ୍ୟାଳୟ ଆସି ନିରାଶରେ ଫେରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାକିରୀ, ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏବେ ବିଭିନ୍ନ ପ୍ରମାଣ ପତ୍ର ଆବଶ୍ୟକ ପଡୁଛି। ଛାତ୍ରୀଛାତ୍ର ଓ ଜନସାଧାରଣ ଆୟ, ବାସସ୍ଥାନ, ଜାତିଗତ ଏବଂ ଜନ୍ମ ଓ ମୃତ୍ୟୁ ପ୍ରାମଣ ପତ୍ର ତହସିଲରେ ଆବେଦନ କରିଥାନ୍ତି। ବିଶେଷ କରି ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ତହସିଲଦାରଙ୍କ ନିକଟରେ ଆବେଦନକାରୀ ଓ ସାକ୍ଷୀ ହାଜର ହେଲା ପରେ ପ୍ରମାଣପତ୍ର ମିଳିଥାଏ। ଏଥିପାଇଁ ସପ୍ତାହର ମଙ୍ଗଳବାର ଓ ଶୁକ୍ରବାରକୁ ତହସିଲ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ପ୍ରମାଣପତ୍ର ପାଇଁ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏହି ଦାୟିତ୍ୱ ସମ୍ପାଦନ କରିଥାନ୍ତି। ହେଲେ ଶୁକ୍ରବାର ଆଇନଜୀବୀ ପ୍ରବୀଣ କୁମାର ତ୍ରିପାଠୀଙ୍କ କେତେକ ଉପଭୋକ୍ତା ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ସାକ୍ଷ୍ୟ ଦେବାକୁ ଆସିଥିଲେ। ଆଇନଜୀବୀ ତ୍ରିପାଠୀଙ୍କ ଅଭିଯୋଗ ହେଲା ଅଫିସରେ ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅନୁପସ୍ଥିତ ଥିଲେ। ତହସିଲକୁ ସାକ୍ଷ୍ୟ ଦେବା ପାଇଁ ଆସିଥିବା ତାଙ୍କ ଉପଭୋକ୍ତାଙ୍କୁ ଫେରିବାକୁ ପଡିଥିଲା ବୋଲି କହିଛନ୍ତି। ଏ ନେଇ ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ


ମକଡ୍ରିଲ ସମୟରେ ଉପସ୍ଥିତ ଅଧିକାରୀ ଓ ବିଭିନ୍ନ ବିଭାଗ କର୍ମଚାରୀ।

**ସଇଁତଳା, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଡ଼ମାଳ ଗୋଳାବାରୁଦ କାରଖାନା ପରିସରରେ ବିପର୍ଯ୍ୟୟ ପରିଚାଳନାର ମକଡ୍ରିଲ ଶନିବାର କରାଯାଇଛି। କାରଖାନା ପରିସରସ୍ଥ ଏକ ବିଶାଳକାୟ ଅଣ ବିସ୍ଫୋରକ ଅଳିଆଗଦାକୁ ଏହି ବିପର୍ଯ୍ୟୟ ପରିଚାଳନାର ପ୍ରୟୋଗ କ୍ଷେତ୍ର ଭାବରେ ନିରୂପଣ କରାଯାଇ ସେଠାରେ ଅଗ୍ନି ସଂଯୋଗ କରାଯାଇଥିଲା। ଅଗ୍ନି ସଂଯୋଗ କରିବା ପୂର୍ବରୁ ନିକଟସ୍ଥ ଅନୁଷ୍ଠାନମାନଙ୍କୁ ଏ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। କାରଖାନାର ଅଗ୍ନିଶମ ବିଭାଗ ଓ ସମ୍ବନ୍ଧିତ ବିଭାଗ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତିରେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ନିର୍ବାପଣ କାମ ଆରମ୍ଭ କରିଥିଲେ। କାରଖାନାର ମେକାନିକାଲ ମେଣ୍ଟେନାନ୍ସ, ସିଭିଲ ମେଣ୍ଟେନାନ୍ସ, ୟୁନିଟ-୪, ଜଳଯୋଗାଣ, ସିକ୍ୟୁରିଟି, ଡ଼ିଏସସି, ଡ଼ାକ୍ତରଖାନାର କର୍ମଚାରୀମାନେ ଏହି ମକଡ୍ରିଲରେ ସାମିଲ ହୋଇ ନିଜ ଭୂମିକା ନିର୍ବାହ କରିଥିଲେ। ଏହି ଅଭ୍ୟାସ ଦୀର୍ଘ ଦେଢ଼ ଘଣ୍ଟା ଧରି ଚାଲିଥିଲା। ମକଡ୍ରିଲ ସମୟରେ ସଇଁତଳା ତହସିଲଦାର ମନସଫିଲ କେରକେଟା, ଜିଲା ଫେକ୍ଟରି ଆଣ୍ଡ ବଏଲର ସହାୟକ ନିର୍ଦ୍ଦେଶକ ବିବେକାନନ୍ଦ ନାଏକ, କାରଖାନାର ମହାପ୍ରବନ୍ଧକ ତଥା ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ନିୟନ୍ତ୍ରକ ପ୍ରଦୀପ କୁମାର ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ସଭାରେ କାରଖାନା ମହାପ୍ରବନ୍ଧକ ବିପର୍ଯ୍ୟୟ ପରିଚାଳନାର ଆବଶ୍ୟକତା ଓ ଉପଯୋଗୀତା ଉପରେ ଆଲୋକପାତ କରିଥିଲେ। ସଭାରେ କାରଖାନାର ଅତିରିକ୍ତ ମହାପ୍ରବନ୍ଧକ ପିଏଲଭି ଶେଖର, ଅରୁଣ ଆର.ଠାକୁର, ଡ଼ା. ଓ.ଏସ. ମୁଣ୍ଡେ, ଭାରପ୍ରାପ୍ତ ଏସ.କ୍ୟୁ.ଏ. ଡ଼ା. ସୋମନାଥ ସୋନୀ, କାରଖାନା ଡ଼ାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଦୈତାରୀ ମେହେର ଉପସ୍ଥିତ ଥିଲେ। କାରଖାନାର ସଂରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ବଲାଙ୍ଗୀର ଜିଲା ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୨୪।୧୨**


ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇଦିନିଆ ଜିଲା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ୧୪୦୦ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଯୋଗଦାନ କରିଥିଲେ। ବରିଷ୍ଠ ସଭ୍ୟ ବିକ୍ରମାନନ୍ଦ ବହିଦାରଙ୍କ ଅଧ୍ୟକ୍ଷତା ତଥା ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରିଙ୍କ ଆବାହକତ୍ୱ ଏବଂ କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଫୁଟବଲ ଖେଳାଳି ରମାକାନ୍ତ ସେଠ ଯୋଗଦାନ କରିଥିଲେ। ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଅତିଥି ପରିଚୟ କରିଥିଲେ। ଯୁଗ୍ମ ସମ୍ପାଦକ ଶତୃଘନ ସିଂ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ଜୟରାମ ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ଡା. ସିଦ୍ଧେଶ୍ୱର ମିଶ୍ର, ରବୀନ୍ଦ୍ର ମିଶ୍ର, ରାଜେନ୍ଦ୍ର ପୁରୋହିତ ଓ ସଦାନନ୍ଦ ନାଏକ ଉପସ୍ଥିତ ଥିଲେ। ରିଜର୍ଭ ପୋଲିସ ବ୍ୟାଣ୍ଡ ପାର୍ଟି ସହଯୋଗ ଏବଂ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଶିକ୍ଷକ ସୁନିଲ କୁମାର ବିଶ୍ୱାଳ ତଥା ଶ୍ରୀଧର ବଢିଆଙ୍କ ତତ୍ତ୍ୱାବଧାନରେ କ୍ରୀଡାବିତ୍‌ମାନେ ମାର୍ଚ୍ଚପାଷ୍ଟରେ ଆସି କ୍ରୀଡାଧ୍ୱଜ ଅବତରଣ କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଟିଟିଲାଗଡ ପୌର ପରିଷଦର ପୂର୍ଣ୍ଣାଙ୍ଗ ବୈଠକ

**ଟିଟିଲାଗଡ,୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦର ପୂର୍ଣ୍ଣାଙ୍ଗ ବୈଠକ ପୌର ପରିଷଦ କାର୍ଯ୍ୟାଳୟ ସଭାଗୃହରେ ପୌରାଧ୍ୟକ୍ଷା ମମତା ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୌର ଉପାଧ୍ୟକ୍ଷା ପୁଷ୍ପମଞ୍ଜରୀ ଜାଲ, କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଏବଂ କାଉନସିଲମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ୱାର୍ଡର ସମସ୍ୟା ଯଥା ରାସ୍ତା, ବିଦ୍ୟୁତ୍ ସଂଯୋଗ, ଡମ୍ପିଂୟାର୍ଡ଼, ବିଜୁ ଆଦର୍ଶ କଲୋନୀ ଏବଂ ସ୍ଥାନୀୟ ଡିଏଭି କଲେଜ ଖେଳପଡିଆ, ଦେଶିଲ ସ୍ଥିତ ନୂଆ ବସଷ୍ଟାଣ୍ଡ,, ହାଟପଦା ପଡ଼ାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମନ୍ତ୍ରୀ ଟୁକୁନି ସାହୁଙ୍କ ଅନୁଦାନ, ଶ୍ମଶାନରେ ରେ ଶବ ଦାହ ପାଇଁ ବିଦ୍ୟୁତ୍ ଚୁଲା ସ୍ଥାପନ, ସରକାରୀ ବାଳିକା ବିଦ୍ୟାଳୟ ପଡ଼ାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ସହରରେ ସିସିଟିଭି ଲଗାଇବା, ପୌର ପରିଷଦ ନୂତନ କୋଠା ନିର୍ମାଣ ଆଦି ପ୍ରସ୍ତାବ ଉପରେ ପରିଷଦ ବୈଠକରେ ମୋହର ଲାଗିଥିଲା। ବୈଠକରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର ଓ ଏମ୍‌ପି ପ୍ରତିନିଧି ଆଲୋକ ନାୟକ ଉପସ୍ଥିତ ଥିଲେ।


ପୌର ପରିଷଦ ବୈଠକରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି।

# ଲଖନା କ୍ରିକେଟ ଟୁର୍ନାମେଣ୍ଟ: ପଟାମରା ଚାମ୍ପିୟନ

**ମୁରିବାହାଲ, ୨୪।୧୨(ଡି.ଏନ.ଏ.)**



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲଖନା ପଞ୍ଚାୟତ ଅନ୍ତର୍ଗତ ଲଖନାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଟାମରା ଦଳ ଚାମ୍ପିୟନ ହୋଇଛି। ଗ୍ରୀନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୧୮ତାରିଖଠାରୁ ଆରମ୍ଭ ହୋଇଥିଲା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ପତ୍ରପାଲି(କ) ଓ ପଟାମରା ମଧ୍ୟରେ ହୋଇଥିଲା। ପଟାମରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଜବାବରେ ପତ୍ରପାଲି(କ) ସମସ୍ତ ଉଇକେଟ ହରାଇ ୧୨୪ରନରେ ସୀମିତ ହୋଇଥିଲା। ଫଳରେ ପଟାମରା ଦଳ ୬୩ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲଖନା ସରପଞ୍ଚ ସଦାନନ୍ଦ ଦୀପ, ସମ୍ମାନୀତ ଅତିଥିଭାବେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଲଖନା ସମିତି ସଭ୍ୟ ଭୀମସେନ ବାଗ, କ୍ରୀଡ଼ାବିତ ଶ୍ରୀବତ୍ସ ବେହେରା, ବିଜେଡି ନେତା ଗିରିରାଜ ସିଂ ମାଝି, କେଦାର ବଡ଼ଜେନା, ଲୋକେଶ ରୋଶନ ମିଶ୍ର, ଚକ୍ରଧର ଦୀପ, ଲମ୍ବୁଧର ଭୋଇ, ଗଜମନ ରଣା, ସତ୍ୟ ବାନ ଭୋଇ ପ୍ରମୁଖ ଉପସ୍ଥିତ ରହି ବିଜେତା ପଟାମରା ଦଳକୁ ଟ୍ରଫି ସହ ନଗଦ ୯୯୯୯ ଟଙ୍କା ଓ ଉପବିଜେତା ଦଳ ପତ୍ରପାଲି(କ) ଟ୍ରଫି ସହ ନଗଦ ୬୬୬୬ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଭିକାରୀ ସିକା, ମ୍ୟାନ ଅଫ ଦ ମ୍ୟାଚ ଗଣେଶ ହଂସ, ଶ୍ରେଷ୍ଠ ବୋଲର ଜନସନଙ୍କୁ ଟ୍ରଫି ଦେଇ ପୁରସ୍କାର କରାଯାଇଥିଲା। ଅମ୍ପେୟାରଭାବେ କ୍ଷେତ୍ର ଭାଇସାଲ, ମହମ୍ମଦ ହାତୀ, ସ୍କୋରର ଧରଣୀ ହଂସ, ଧାରା ବିବରଣୀ ପ୍ରଦାନ କରିଥିଲେ ବିକ୍ରମ ହଂସ, ବିକାଶ ଭୋଇ ଓ ସୁମିତ ଭୋଇ। ଟୁର୍ନାମେଣ୍ଟର ସଫଳ ପରିଚାଳନାରେ ଆୟୋଜକ କମିଟି ସଭାପତି ଚନ୍ଦନ ଦୀପ, ସମ୍ପାଦକ ମୋତିଲାଲ ସିଂଭୋଇ, ପୁରୋହିତ ଧାରୁଆ, ଦେବାଶିଷ ଭୋଇ,ସୁରଥ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରଜାପଡ଼ା ସ୍କୁଲରେ ସୁନେତ୍ର କାର୍ଯ୍ୟକ୍ରମ

**ପଦ୍ମପୁର, ୨୪।୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ରଜାପଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବରିକେଲ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ ପରୀକ୍ଷା ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟକୁମାର ସାହୁ, ସିଆର୍‌ସିସି ସୁବାଷ ନାଥ, ସନ୍ତୋଷ ବେହେରା, ରବିନାରାୟଣ ପଣ୍ଡା, ଦେବାନନ୍ଦ ତୁରୀଆ ସହିତ ଶିକ୍ଷକ ପ୍ରହ୍ଲାଦ ମହାନନ୍ଦ ଉପସ୍ଥିତ ଥିଲେ। ଚକ୍ଷୁ ବିଭାଗର ସୁରେଶ ପତି ୧୦୩ ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ମୋଟ ୩୭ଜଣଙ୍କୁ ଚଷମା, ୬ଜଣଙ୍କୁ ରେଫର୍ ଓ ୨ ଜଣଙ୍କ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବିଆର୍‌ପି ଭଗବାନ ତରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜମଲା ଡାକ୍ତରଖାନାର ବିଡିଏମ୍ ବିଜୟ ସରାଫ, ଆଇଇଭି ରାଧାକାନ୍ତ ଧରେଇ, କୀର୍ତ୍ତିଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ଛତର ସହଯୋଗ କରିଥିଲେ।

### ଭାଜପା ମହିଳା ମୋର୍ଚ୍ଚାର ପ୍ରବାସ ସଙ୍ଗଠନ କାର୍ଯ୍ୟକ୍ରମ

**ପାଇକମାଲ,୨୪।୧୨(ଡି.ଏନ.ଏ.):** ପାଇକମାଲ ବ୍ଲକ ଦୁର୍ଗା ମନ୍ଦିର ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରବାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳା ମୋର୍ଚ୍ଚା ପ୍ରତିନିଧିମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ୍ ସବ୍‌କା ବିକାଶର ବାର୍ତ୍ତା ସହ ମହିଳା ସଶକ୍ତୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଛତିଶଗଡ଼ ପ୍ରଦେଶ ଭାଜପା ମହିଳା ମୋର୍ଚ୍ଚା ଅଧକ୍ଷା ସାଲିନୀ ରାଜପୁତ, କୋଷାଧକ୍ଷା ହେମଲତା ଶର୍ମା, ସୋନପୁର ପୂର୍ବତନ ଭାଜପା ଜିଲା ପରିଷଦ ଅଧକ୍ଷା ଉଷାକୁମାରୀ, ଭୁବନେଶ୍ୱରୀ ଦଣ୍ଡସେନା, ରାଜେଶ୍ୱରୀ ସାହୁ, ନୂଆପଡା ଜିଲା ସମ୍ପାଦିକା ରାଜେଶ୍ୱରୀ ଠାକୁର, ଖାମସିଂ ମାଝି, ମ୍ୟାନେଜର ଆର୍ଯ୍ୟ ପ୍ରମୁଖ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ମହିଳା ମୋର୍ଚ୍ଚା ସମ୍ପାଦିକା ସୁଭାଷିନୀ ପ୍ରଧାନ, ମଣ୍ଡଳ ସଭାନେତ୍ରୀ ଉର୍ମିଳା ମେହେର, ପାଇକମାଲ ସମିତି ସଭ୍ୟା ନିରୁପମା ନାଗ, ବରିଷ୍ଠ ଭାଜପା ନେତା ସୁଶାନ୍ତ ନାଗ, ଯୋଗେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



**ବରପାଲି,୨୪।୧୨(ଡି.ଏନ.ଏ.):** ଭାରତର ଶିକ୍ଷାନୀତିରେ ସରସ୍ୱତୀ ଶିଶୁମନ୍ଦିରର ଏକ ଅଗ୍ରଣୀ ଭୂମିକା ରହିଛି ବୋଲି ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକୋତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚାଳନା କମିଟି ସଭାପତି ଯଦୁମଣି ବିଶି ଅଧକ୍ଷତା କରିଥିଲେ। ବରପାଲି ନଗରପାଳ ଦିନେଶ ଗହୀର ମୁଖ୍ୟ ଅତିଥି, ନୀତି ଗବେଷଣା କେନ୍ଦ୍ରର ପ୍ରଫେସର ଡ. ସୁଜିତ ପୃଷ୍ଟେଠ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଅଧାପକ ରାଜେଶ କୁମାର ରାୟ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା ବିବରଣୀ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ଗୋପାଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ମାନସୀ ସାହୁ ସଭା ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ଧର୍ମେନ୍ଦ୍ର ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବୃତ୍ତି ପରୀକ୍ଷା, ମେଧା ପରୀକ୍ଷା, ଭାରତୀ କୃଷ୍ଣ ଗଣିତ ପ୍ରତିଭା, ପଠାଣି ସାମନ୍ତ ଆଦି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ବହୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଉପସ୍ଥିତ ଥିଲେ।

# ଅବହେଳାରୁ ଅଭାବୀ ବିକ୍ରି ଆଶଙ୍କା

**ପଦ୍ମପୁର,୨୪।୧୨(ଡି.ଏନ.ଏ.)**

**ପଦ୍ମପୁର ଉପଖଣ୍ଡ**
- ବିଭିନ୍ନ ମଣ୍ଡିରେ ପଡିଛି ୯ ଲକ୍ଷ ୮୦ ହଜାର ପ୍ୟାକେଟ ଧାନ
- ଝାରବନ୍ଧ ଓ ପାଇକମାଲର ମଣ୍ଡି ସ୍ଥିତି ସଙ୍ଗୀନ
- ରାଜବୋଡାସମ୍ବର କୃଷକ ସଙ୍ଗଠନର ଆନ୍ଦୋଳନ ଚେତାବନୀ

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଧୀନ ବିଭିନ୍ନ ମଣ୍ଡିରେ ଲକ୍ଷାଧିକ ଧାନବସ୍ତା ପଡିରହିଛି। ପ୍ରଶାସନ କି ମିଲର୍ସ କେହି ମଧ ଧାନ ଉଠାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅପରପକ୍ଷେ ଖରିଫ ଧାନ କିଣାବିକା ସୁରୁଖୁରୁରେ ହେବ। ଚାଷୀ ହଇରାଣ ହେବେନି। ମିଲର୍ସ ମନମାନି ଚଳିବ ନାହିଁ। ସରକାରୀ ବିଧିବ୍ୟବସ୍ଥାରେ ସବୁକିଛି ଚାଲିବ। ଏଭଳି ନାନାଦି ଘୋଷଣା କରିଥିଲେ ସରକାର। ହେଲେ ବର୍ତ୍ତମାନ ଏସବୁ ପାଣିର ଗାର ପାଲଟିଛି। ଧାନ କିଣାବିକାରେ ଅବ୍ୟବସ୍ଥା ପ୍ରତିବାଦରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ଆନ୍ଦୋଳନ ଚେତାବନୀ ଦେଇଛି।

ବର୍ତ୍ତମାନ ପଦ୍ମପୁର ଉପଖଣ୍ଡର ୧୮ଟି ମାର୍କେଟ ୟାର୍ଡ ଓ ୬୩ଟି ପିପିସି ଏଭଳି ମୋଟ ୮୧ କେନ୍ଦ୍ରରେ ଧାନ କିଣାବିକା ଚାଲିଛି। ଏହି ଉପଖଣ୍ଡ ଅଧୀନ ରାଜବୋଡାସମ୍ବର ବ୍ଲକର ୧୭ମଣ୍ଡି, ପାଇକମାଲ ୧୫ ମଣ୍ଡି, ଝାରବନ୍ଧ, ସୋହେଲା, ଗାଇସିଲେଟ ଏବଂ ବିଜେପୁର ବ୍ଲକର ୧୨ ଲେଖାଏ ମଣ୍ଡିରେ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ ୮୦ ହଜାର ୬୪୮ ପ୍ୟାକେଟ ଧାନବସ୍ତା ଖୋଲା ଆକାଶ ତଳେ ପଡିରହିଛି।



ପଦ୍ମପୁର ଦହିଁଗା ମଣ୍ଡିରେ ଧାନବସ୍ତା ପଡିରହିଛି।

ମିଲର୍ସ ଧାନ ଠିକଣା ଭାବେ ଉଠାଉ ନାହାଁନ୍ତି କି ପ୍ରଶାସନ ନଜର ପକାଉନାହିଁ। କେବଳ ଫାଇଲ ଭିତରେ ଧାନ କିଣାବିକା ସୁରୁଖୁରୁରେ ଚାଲିଥିବା ଦର୍ଶାଯାଉଛି। ଉପଖଣ୍ଡର ଉପାନ୍ତ ଅଞ୍ଚଳ ବିଶେଷ କରି ପାଇକମାଲ ଓ ଝାରବନ୍ଧ ବ୍ଲକ ଅଞ୍ଚଳରେ ଧାନ ଅଧିକ ପରିମାଣରେ ମଣ୍ଡିରେ ଜମା ହୋଇରହିଛି। ପଦ୍ମପୁର ବ୍ଲକର କନସିଂହା ମଣ୍ଡିରେ ୨୫,୫୩୪, ପାଇକମାଲ ବ୍ଲକର ଝିଟିକିରେ ୩୫,୦୦୦, ପାଇକମାଲ ୟାର୍ଡରେ ୩୦,୫୬୫ , ଜାମସେଟର ଧାରୋଲ ମଣ୍ଡିରେ ୩୩,୨୮୫, ଝିଟିକି ମଣ୍ଡିରେ ୩୫,୧୮୫ ବସ୍ତାଧାନ ପଡିରହିଥିବା ବେଳେ ଝାରବନ୍ଧ ବ୍ଲକର ଲଉଡିଦର୍ହା, ଡଭା ଓ ଝାରବନ୍ଧ ୟାର୍ଡରେ ୩୦ ହଜାର ଉପରେ ଧାନବସ୍ତା ଗଦା ହୋଇଛି। ଉପଖଣ୍ଡର ବୁକୁରାମୁଣ୍ଡା ମଣ୍ଡିରେ ୪୨ ହଜାର ୬୪୬ ବସ୍ତା ଧାନ ପଡିଥିବା ବେଳେ ସବୁଠାରୁ କମ୍ ସୋହେଲା ବ୍ଲକ ଲେବିଡି ମଣ୍ଡିରେ ମାତ୍ର ୫୫ ବସ୍ତା ଧାନ ପଡିଛି। ଉପଖଣ୍ଡରେ ଧାନ ବିକ୍ରିର ଅଚଳାବସ୍ଥା ନେଇ ରାଜବୋଡାସମ୍ବର କୃଷକ ସଙ୍ଗଠନର ସଦସ୍ୟମାନେ ପଦ୍ମପୁର ଉପଜିଲାପାଳଙ୍କ ସହିତ ଗତ ଶୁକ୍ରବାର ଆଲୋଚନା କରିଥିଲେ ଏବଂ ଉପଖଣ୍ଡରେ ଧାନ ବିକ୍ରି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରିଥିଲେ। ଆସନ୍ତା ୨୬ ତାରିଖ ସୁଦ୍ଧା ଧାନ ନ ଉଠିଲେ ୨୭ ତାରିଖରେ ପଦ୍ମପୁର ଅଞ୍ଚଳର ବିଭିନ୍ନ ରାସ୍ତାରେ ଧାନ ପକାଇ ଆନ୍ଦୋଳନ କରାଯିବ ବୋଲି ଆବାହକ ରମେଶ ମହାପାତ୍ର, ଅଶୋକ ସାହୁ, ଲିଙ୍ଗରାଜ ସାହୁ, ରୋହିତ ପଧାନ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଧାନ ଉଠାଣ ତ୍ୱରାନ୍ୱିତ କରିବା ପାଇଁ ମିଲର୍ସମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲାପାଳ ତ୍ରିଲୋଚନ ପାତ୍ର ସୂଚନା ଦେଇଛନ୍ତି।

### ଧାନବିକ୍ରି ଟଙ୍କା ଉଠାଣରେ ହଇରାଣ

**ପଦ୍ମପୁର, ୨୪।୧୨(ଡି.ଏନ.ଏ.)**

ସମସ୍ୟା ପଦ୍ମପୁର ଉପଖଣ୍ଡ ଚାଷୀଙ୍କ ପିଛା ଛାଡୁନାହିଁ। ଟୋକନ ଟେନସନ, ଧାନର ଅଭାବୀ ବିକ୍ରି ପରେ ଚାଷୀଙ୍କ ଧାନବିକ୍ରି ଟଙ୍କା ପ୍ରଦାନରେ ଅସହଯୋଗ ଚାଷୀଙ୍କୁ ସମସ୍ୟାରେ ପକାଇଛି। ଜଣେ ଚାଷୀ ୭୫ କୁଇଣ୍ଟାଲ ଧାନ ବିକ୍ରି କଲେ ତାଙ୍କ ଖାତାରେ ୧ ଲକ୍ଷ ୫୩ ହଜାର ଟଙ୍କା ଜମା ହୋଇଥାଏ। ମାତ୍ର ଏହି ଟଙ୍କା ଉଠାଇବାକୁ ଚାଷୀଙ୍କୁ ଦିନକୁ ୪୦ ହଜାର ହିସାବରେ ୪ ଦିନ ବ୍ୟାଙ୍କକୁ ଆସିବା ପାଇଁ ପଡୁଛି। ଏ ସମ୍ପର୍କରେ ବ୍ୟାଙ୍କର ସମ୍ପାଦକ ଅମୂଲ୍ୟ ନନ୍ଦ ମହାନ୍ତିଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଚାଷୀମାନେ ଏ ନେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଜିଲା ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନଙ୍କ ନିକଟରେ ଅଭିଯୋଗ କରିବା ପରେ ଚାଷୀଙ୍କ ପାଉଣା ଏକାଥରକେ ମିଳିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ।

# ଧାନବିକ୍ରି ସମସ୍ୟା: ଚାଷୀ-ପ୍ରଶାସନ ଆଲୋଚନା

**ବରଗଡ଼ ଅଫିସ, ୨୪।୧୨**

ବରଗଡ ଜିଲାରେ ଧାନବିକ୍ରି ଅବ୍ୟବସ୍ଥାକୁ ନେଇ ଜିଲା ପ୍ରଶାସନ ଏବଂ ଜୟ କିଷାନ ଆନ୍ଦୋଳନର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଲୋଚନା ହୋଇଛି। ଜିଲାରେ ଧାନ ବିକ୍ରି ଅବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯିବା ପରେ ଏହି ଆଲୋଚନା କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ତତ୍ତ୍ୱାବଧାନରେ ଜିଲାର ବରଗଡ, ଅତାବିରା, ଭେଡେନ, ଭଟଲି, ପାଇକମାଲ ଏବଂ ସୋହେଲାର ଚାଷୀ ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ।

ଆଲୋଚନା ବେଳେ ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଥିଲେ, ସରକାର କିମ୍ବା ସରକାରୀ ସଂସ୍ଥା ଧାନ କିଣିବା ବ୍ୟବସ୍ଥା ଥିବାବେଳେ ଏମାନଙ୍କ କୌଣସି ଭୂମିକା ରହୁ ନାହିଁ। ମାର୍କେଟ ୟାର୍ଡ ମାନଙ୍କରେ ଚାଷୀମାନେ ମିଲ୍‌ମାଲିକ ମାନଙ୍କ ସହ ସାଲିସ କରିବା ପାଇଁ ପ୍ରସ୍ତୁତ ନ ହେଲେ ଧାନ ଉଠୁନାହିଁ କିମ୍ବା ଅହେତୁକ ବିଳମ୍ବ ହେଉଛି। କେତେକ ୟାର୍ଡରେ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି। ଯେଉଁଠି ଧାନ ପଡୁନାହିଁ ସେଠାରେ ସ୍ଲିପ କଟା ଚାଲିଛି। କୁଇଣ୍ଟାଲ ପ୍ରତି ୪୦ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ କାରବାର ଚାଲିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ୟାର୍ଡକୁ ଧାନ ଆଣିଲେ ଅନ୍‌ଲାଇନ ଏଣ୍ଟ୍ରି କରାଯାଉ ନାହିଁ। ଧାନ ଉଠିଲା ସମୟରେ ଅନ୍‌ଲାଇନ ଏଣ୍ଟ୍ରି କରାଉଛି ବୋଲି ଅଭିଯୋଗ ହୋଇଥିଲା। ସେହିପରି ଜିଲାରେ ଟୋକନ ସମସ୍ୟା ଚରମ ସୀମାରେ ପହଞ୍ଚିଥିବା ଚାଷୀ ପ୍ରତିନିଧି କହିଥିଲେ।



ଚାଷୀ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଉଛି।

ଏହି ସବୁ ସମସ୍ୟାଗୁଡିକୁ ପ୍ରଶାସନ ସ୍ୱୀକାର କରିଥିଲା। ଏହାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ଦୁଇଟି ପ୍ରତିଶ୍ରୁତି ଦିଆଯାଇଥିଲା। ସହକାରୀ ସମବାୟ ଉପନିବନ୍ଧକ କହିଥିଲେ, ଚାଷୀ ଯେଉଁଦିନ ଧାନ ଆଣିବ ସେହିଦିନ ହିଁ ଅନ୍‌ଲାଇନ ଏଣ୍ଟ୍ରି କରି ଚକ୍ଷୁ ସ୍କାନ୍ କରାଯିବ। ଅତିରିକ୍ତ ଯୋଗାଣ ଅଧିକାରୀ କହିଥିଲେ, ସମ୍ପୃକ୍ତ ମିଲ୍ ମାଲିକ ହଇରାଣ କଲେ ତାଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯାଇ ତାଙ୍କୁ କଳା ତାଲିକାଭୁକ୍ତ କରାଯିବ। ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ମହେଶ୍ୱର ପ୍ରଧାନ, ଅରୁଣ ପଧାନ, ବିଶ୍ୱନାଥ ରଣା, ସରୋଜ ପ୍ରଧାନ, ଭଞ୍ଜନ ବାରିକ, ସିଲିଂ ସାହୁ, ରଞ୍ଜନ ସାହୁ, ବାଳକୃଷ୍ଣ ବନଛୋର, ରାସବିହାରି ସାହୁ, ମିନିଷ୍ଟର ବାରିକ ଉପସ୍ଥିତି ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପଦ୍ମପୁର ଅଞ୍ଚଳ କଲେଜରେ ନାକ୍ ପିଅର ଟିମ୍

**ପଦ୍ମପୁର, ୨୪।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟକୁ ନାକ୍ ପିଅର ଟିମ୍ ପରିଦର୍ଶନ କରିଛନ୍ତି। ଟିମ୍ ଚେୟାରମେନ ତଥା ଭାଇସ ଚାନସେଲର ପ୍ରଫେସର କିଶୋରୀ ନାୟକ, ମେମ୍ବର କୋର୍ଡିନେଟର ପ୍ରଫେସର ଶୁଭାଶିଷ ଭଟ୍ଟାଚାର୍ଯ୍ୟ, ସଦସ୍ୟ ଅଧକ୍ଷ ନାର୍ଜି ଅହମଦ ଚିରାଗ ପ୍ରଥମ ଦିନରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ଲଳିତେନ୍ଦୁ ନାୟକଙ୍କ ସହ ମହାବିଦ୍ୟାଳୟର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ବିଭାଗୀୟ ମୁଖ୍ୟମାନଙ୍କ ସହ ଆଲୋଚନା ହୋଇଥିଲା। ବିଭାଗଗୁଡିକ ପରିଦର୍ଶନ ପରେ କଲେଜର ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସହ ସେମାନେ ଆଲୋଚନା କରିଥିଲେ। ଏହା ପରେ ଗ୍ରନ୍ଥାଗାର, କ୍ରୀଡା ବିଭାଗ, ଏନ୍‌ଏସ୍‌ଏସ୍, ଏନ୍‌ସିସି, ରେଡ୍‌କ୍ରସ, ଆଇକ୍ୟୁଏସି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଡ. ସରୋଜ ନାୟକଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ଦିବସରେ ନାକ୍ ଟିମ୍ ମହାବିଦ୍ୟାଳୟର ଛାତ୍ର ଏବଂ ଛାତ୍ରୀ ନିବାସ ସହ ଖେଳ ପଡିଆ, ନିର୍ମାଣାଧୀନ ମିନି ଷ୍ଟାଡିୟମ ଏବଂ କ୍ୟାଣ୍ଟିନ ବୁଲି ଦେଖିଥିଲେ। ଶେଷରେ ନାକ୍ ପିଅର୍ ଟିମ୍ ସହ ଅଧକ୍ଷ, ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଏକ୍ସିଟ ସଭା ଅନୁଷ୍ଠିତ ହୋଇଥିଲା। ପିଅର ଟିମ୍‌ର ଚେୟାରମେନ ପ୍ରଫେସର ନାୟକ ମହାବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କର ମନ୍ତବ୍ୟ ପ୍ରଦାନ କରିଥଲେ। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ନାକ୍ କୋର୍ଡିନେଟର ଡ. ମନୋଜ ପ୍ରଧାନ, ଆଇକ୍ୟୁଏସି ସଂଯୋଜକ ଲଳିତ ମୋହନ ପଣ୍ଡା, ଅଧାପକ ଡ. ବିରଞ୍ଚି ସାହୁ, ପ୍ରମୋଦ ତ୍ରିପାଠୀ, ପ୍ରଭାତ ମହାପାତ୍ର ଓ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥଲେ। ସଂଯୋଜକ ମନୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ଟାଏକୋଣ୍ଡୋରେ ସୁବର୍ଣ୍ଣପୁରର ୬ ଖେଳାଳି

**ଅମରପାଲି,୨୩।୧୨(ଡି.ଏନ.ଏ.)**

ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପୁଣି କମାଲ ଦେଖାଇବେ ଓଡିଆ ଖେଳାଳି । ଦିଲ୍ଲୀର ତାଲକୋଟରା ଇନଡୋର ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି ସୁବର୍ଣ୍ଣପୁର ଜିଲାର ୬ ପ୍ରତିଭାବାନ ଖେଳାଳି। ବୀରମହାରାଜପୁର ଏହେସାସ ଟାଏକୋଣ୍ଡୋ ଏକାଡେମୀର ଏହି ୬ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀରେ ପହଞ୍ଚିଛନ୍ତି । ଏହା ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ଏହି ୬ ଜଣିଆ ଟିମରେ ଅନେଷଣ ହୋତା, ହର୍ଷିତା ନାୟକ, ବିଶ୍ୱରଞ୍ଜନ ସାହୁ, କୁମାର କଶ୍ୟପ ଷଡଙ୍ଗୀ, ଦେବାଶିଷ ଚରଣ ନାୟକ ଏବଂ ଆଶୁତୋଷ ଦାଶ ଯାତ୍ରା କରିଛନ୍ତି । ଏହି ଖେଳାଳିଙ୍କ ସଫଳତା ପାଇଁ ଜିଲାପାଳ ଆବୋଲି ସୁନିଲ ନରୱାଣେ, ଜିଲା କ୍ରୀଡା ଅଧିକାରୀ ଅଭିଳାଶ ପୁରୋହିତ, ଓଡିଶା ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଜଳଶ ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ପୂର୍ବତନ ସମିତି ସଭ୍ୟ ପିତାମ୍ବର ସାହୁଙ୍କ ସମେତ ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି ।



ଅଂଶଗ୍ରହଣ କରିବାକୁ ଥିବା ଖେଳାଳିମାନେ।

## ତେନ୍ତୁଲିମହଦାରେ ବଉଳ ଯାତ୍ରା

**ଅମରପାଲି,୨୩।୧୨(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ତେନ୍ତୁଲିମହଦାରେ ବକୁଳ ଅମାବାସ୍ୟା ଅବସରରେ ବଉଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ହରିହର ଯୋର କୂଳ ସ୍ଥିତ ପିତାବଳୀ ପୀଠରେ ସତନ୍ତ୍ର ଭାବେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ରାତିରେ ନିଶା ପୂଜା ସମ୍ପନ୍ନ ହୋଇଥିଲା। ଦେବୀଙ୍କଠାରେ ପଞ୍ଚାନନ ଦେହୁରୀ ଓ ବରୁଣ ଦେହୁରୀ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ତ୍ରିନାଥ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦେବୀଙ୍କଠାରେ ନଡ଼ିଆ, ଖିରି, ଲିଆ ଆଦି ଭୋଗ ଲାଗି ହୋଇଥିଲା। ସେହିଭଳି ଅନୁଷ୍ଠିତ ନାମଯଜ୍ଞରେ ନବୀନ ମିଶ୍ର ପୂଜକ ଓ ହରେଶ ମିଶ୍ର ସପତ୍ନିକ କର୍ତ୍ତା ରହିଥିଲେ। ଏହି ଅବସରରେ ଯାତ୍ରା ପଡ଼ିଆରେ ଅନେକ ଦୋକାନ ଓ ବଜାରର ପସରା ଜମିଛି।

## ରକ୍ତଦାନ ଶିବିର, ୬୬ ୟୁନିଟ୍ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**କାମଟିକ୍ରା, ୨୪।୧୨(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ସମଲେଶରୀ ମନ୍ଦିରର ପ୍ରାଙ୍ଗଣରେ ଶନିବାର ଗୋଡଭଗା ବଜରଙ୍ଗ ଦଳ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଗୋଡଭଗା ବଜରଙ୍ଗ ଦଳ ସଂଯୋଜକ ପ୍ରଶାନ୍ତ ଭୋଇ, ସହ ସଂଯୋଜକ ପ୍ରେମରାଜ ଛନ୍ଦ, ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ପଶ୍ଚିମ ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର, ସୁଧୀର ବାରିକ, ପରମେଶ୍ୱର ପଟେଲ, ତରୁଣ ବାଗ, ଆଦିତ୍ୟ ପଣ୍ଡା, ସହଦେବ ରାଉତ, ଶ୍ରୀହରି, ବିକାଶ ବାଗ, ଶଙ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ମୋଟ ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବରଗଡ ରକ୍ତ ସଂଗ୍ରହକାରୀ ଦଳ ରକ୍ତ ସଂଗ୍ରହ କରିଥିଲେ।

## ଭଏସ୍ ଅଫ୍ ସୁବର୍ଣ୍ଣପୁର ପ୍ରତିଯୋଗିତା ୨୯ରେ

**ସୋନପୁର,୨୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଡିସେମ୍ବର ୨୯ରେ ଭଏସ୍ ଅଫ ସୁବର୍ଣ୍ଣପୁର ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋନପୁର ପୁରୁଣା ଟାଉନ ହଲ ପରିସରରେ ଆୟୋଜିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ଜିଲାର ସବୁ ବୟସର କଣ୍ଠଶିଳ୍ପୀ ମାନେ ଅଂଶଗ୍ରହଣ କରି ପାରିବେ। ପ୍ରସିଦ୍ଧ କଣ୍ଠଶିଳ୍ପୀ ଫକୀର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏହି ପ୍ରତିଯୋଗିତା ୩ ରାଉଣ୍ଡ ବିଶିଷ୍ଟ ହେବ। ଦ୍ୱିତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ବାଧ୍ୟତାମୂଳକ ଭାବେ ଫକୀର ପଟ୍ଟନାୟକଙ୍କ ସଙ୍ଗୀତ ଗାନ କରିବେ। ଶ୍ରେଷ୍ଠ ୫ ଜଣ ବିଜେତାଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯିବ। ଏଥିପାଇଁ ପ୍ରବେଶିକା ଫି ରହିବ। ଭୀମଭୋଇ କଳା ପରିଷଦ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭଏସ ଅଫ ସୁବର୍ଣ୍ଣପୁର ଅନୁଷ୍ଠାନ ସଭାପତି ଶିବ ପ୍ରସାଦ ଗୁରୁ, ଉପସଭାପତି ସନ୍ତୋଷ ମିଶ୍ର, ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ, କାର୍ଯ୍ୟକ୍ରମ ସଂଯୋଜକ ଉମେଶ କୁମ୍ଭାର, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ମନୋଜ ବାରିକ, ସୌମ୍ୟରଞ୍ଜନ ସେଠୀ, ଗଣପତି ବାଗ ଓ ଅବିନାଶ ବାରିକ ପ୍ରମୁଖ ଏହି ସୂଚନା ଦେଇଛନ୍ତି ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ

**ସୋନପୁର,୨୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଅଣ ଗେଜେଟେଡ କର୍ମଚାରୀ ସଂଘ ସଭାଗୃହଠାରେ ଜିଲା ବୈଧ ଓଜନ ମାପ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଆନୁକୂଲ୍ୟରେ ଜାତୀୟ ଖାଉଟି ଅଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାକୁ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଉଟିମାନଙ୍କ ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଖାଉଟିମାନେ ସଚେତନ ହେଲେ ହିଁ ସୁରକ୍ଷିତ ହୋଇ ପାରିବେ। ଏହି ଅଭିଯାନରେ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଗୁଡିକ ସକ୍ରିୟ ସାମିଲ ହେବାକୁ ଶ୍ରୀମତୀ ଠେଲା ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖାଉଟି ବିବାଦ ସମାଧାନ ଆୟୋଗର ଜିଲା ସଭାପତି ଉପାନନ୍ଦ ପୁରୋହିତ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ବିଭିନ୍ନ ଦିଗ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ। ଖାଉଟିମାନେ ଠକେଇର ଶିକାର ହେଲେ ଆୟୋଗ ସଦାସର୍ବଦା ଖାଉଟିଙ୍କ ହିତରେ କାର୍ଯ୍ୟ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ସ୍ୱାଇଁ ଯୋଗ ଦେଇ ଖାଉଟି ମାନଙ୍କ ଅଧିକାର ବିଷୟରେ ସୂଚନା ଦେଇଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି ଉପଭୋକ୍ତା ନିଜେ ସଚେତନ ହୋଇ ଜିନିଷର ବିଲ ମାଗିବା ଓ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କଳାପଥର ପଞ୍ଚାୟତର ସରପଞ୍ଚ ନବୀନ ମେହେର, ଜନମୁରା ସରପଞ୍ଚ ଦମୟନ୍ତୀ ବାରିକ, କାଉନସିଲର ଭାଗିରଥୀ ମିଶ୍ର, ସୁବର୍ଣ୍ଣା ସେଠୀ, ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀଛାତ୍ର, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା, ସୋନପୁର କଲେଜ ଏନସିସି ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଲ, ସୁବର୍ଣ୍ଣପୁର ପୌର ପରିଷଦର ସସ୍ମିତା ନାଏକ, ଗ୍ରାମଥାନର ପ୍ରତିନିଧି ପ୍ରତାପ କୁମାର ପ୍ରଧାନ ଓ ବେସିକ ନିଡ ଇଣ୍ଡିଆର ରାଜୀବ କର୍ମୀ ଯୋଗଦେଇ ମତ ରଖିଥିଲେ। ଜିଲା ବୈଧ ଓଜନ ମାପ ବିଭାଗର ଉପନିୟନ୍ତ୍ରକ ବାଘାରି ସୋରେନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସରୋଜ କରଣ ଆୟୋଡିନ ଲୁଣ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସୁଦାମ ଗାଇଗରିଆ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱମ୍ଭର ସାହୁ, ଝରଣା ପଟ୍ଟନାୟକ, ସୁଶାନ୍ତ ସା, ଅଶୋକ ଝାଙ୍କର, ମନୋଜ ସ୍ୱାଇଁ ଓ ମିତ୍ରଭାନୁ ମଲ୍ଲିକ ସହଯୋଗ କରିଥିଲେ।




ସୁବର୍ଣ୍ଣପୁରରେ ଜାତୀୟ ଖାଉଟି ଅଧିକାର ଦିବସ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସଂକ୍ଷେପରେ

### ନାକଟିଦେଉଳ ବଣିକ ସଂଘର ନୂତନ କର୍ମକର୍ତ୍ତା

ନାକଟିଦେଉଳ,୨୪।୧୨(ଡ଼ି.ଏନ.ଏ.): ନାକଟିଦେଉଳ ବଣିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ସ୍ଥାନୀୟ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସମସ୍ୟା ସମ୍ପର୍କରେ ଆଲୋଚନା ପରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। କୁମାରେଶ ସ୍ୱାଇଁ ସଭାପତି, ବିକ୍ରମ ପ୍ରଧାନ ଉପସଭାପତି, ନିରଞ୍ଜନ ପ୍ରଧାନ ସମ୍ପାଦକ, ସଲିମ କୁମାର ଧଳ ସହସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଝସକେତନ ଅଗ୍ରୱାଲାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ନାକଟିଦେଉଳ ସଦରର ସମସ୍ତ ବ୍ୟବସାୟୀ ଯୋଗଦେଇ ମତାମତ ରଖିଥିଲେ।

### ଏନ୍‌ଏସ୍‌ଏସ୍ ପକ୍ଷରୁ ୭ଦିନିଆ ଶିବିର

ଜମନକିରା,୨୪।୧୨(ଡ଼ି.ଏନ.ଏ.): ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଭାତପୁରା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର କୁଚିଣ୍ଡା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ମହାବିଦ୍ୟାଳୟ ଅଧକ୍ଷା ସୁଚିତ୍ରା ମିଶ୍ର, ଅଧାପିକା ମଞ୍ଜୁଶ୍ରୀ ଦାଶ, ଅଧାପକ ଡ. ଅମିୟ ପତ୍ର, ସରପଞ୍ଚ ପ୍ରହ୍ଲାଦ ଧୁରୁଆ ପ୍ରମୁଖ, ସ୍କୁଲର ପ୍ରଧାନ ଶିକ୍ଷକ ରତନଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କୁଚିଣ୍ଡା ଶିକ୍ଷା ବିଭାଗ ଅଧାପିକା ତଥା ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତି କୁମୁରା କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ କଲେଜର ୨୨ ଛାତ୍ରୀ ଓ ୧୮ ଛାତ୍ର ଯୋଗଦେଇଛନ୍ତି।

### ରୋଟାରି କ୍ଲବ ପକ୍ଷରୁ ଆଶ୍ରମ ଅନ୍ତେବାସୀଙ୍କୁ ସହାୟତା

ଝାରସୁଗୁଡ଼ା ଅଫିସ/ବେଲପାହାଡ, ୨୪।୧୨: ବେଲପାହାଡ ଠକ୍କର ବାପା ସେବା ସଦନ ଶିଶୁ ଯତ୍ନ ଅନୁଷ୍ଠାନକୁ ରୋଟାରି କ୍ଲବ ସବୁଜ ଝାରସୁଗୁଡା ପକ୍ଷରୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ଏଥିମଧ୍ୟରେ ଟିଭି, ସିଲେଇ ମେସିନ, ଗିଜର, ବାଦ୍ୟଯନ୍ତ୍ର ଆଦି ରହିଛି। ସାମଗ୍ରୀ ପ୍ରଦାନବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦା ମହାରଣା, ରୋଟାରି କ୍ଲବ ସଭାପତି ସାଜିଦ ହୁସେନ ଉପସ୍ଥିତ ଥିଲେ। କ୍ଲବର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ମନୋଜ ଶର୍ମା, ନରେଶ ସ୍ୱରୂପ, ମନିଷ ଶାକୁନିଆ, ଅରୁଣ କୁମାର ମୁଦ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବିବିଧ କ୍ରୀଡ଼ା

ନାକଟିଦେଉଳ,୨୪।୧୨(ଡ଼ି.ଏନ.ଏ.): ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ନାକଟିଦେଉଳ ବ୍ଲକ ବଲମ ଗ୍ରାମର ୟୁଥ୍ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିବିଧ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଲିବଲରେ ବଲମ ଦଳ, ଫୁଟ୍‌ବଲରେ ଗିରିଶ୍ଚନ୍ଦ୍ରପୁର ଦଳ, କବାଡ଼ିରେ ମହୁକୁଦ ଦଳ, ହକିରେ ଫଟାମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲେ। ଶିକ୍ଷକ ସମୀର କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ଶିକ୍ଷକ ସଞ୍ଜୟ କୁମାର ସାହୁ, କ୍ଲବ ସଭାପତି ଅମିତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନାକଟିଦେଉଳ,୨୪।୧୨(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ପବିତ୍ର ମୋହନ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବରିଷ୍ଠ ବିଭାଗର ୭୨ ଓ କନିଷ୍ଠ ବିଭାଗରେ ୬୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତରୁଣକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ବର୍ଗର ବାଳକ ବିଭାଗରେ ନବମ ଶ୍ରେଣୀ ଛାତ୍ର କୁମର କିଷାନ ଓ ବାଳିକା ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ସ୍ମୃତିରେଖା ପ୍ରଧାନ ଚାମ୍ପିୟନ ହୋଇଥିଲେ। ସେହିପରି କନିଷ୍ଠ ବର୍ଗର ବାଳକ ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ର ସିକୁନ ନାଏକ ଓ ବାଳିକା ବିଭାଗରେ ଅଷ୍ଟମଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଚାମ୍ପିୟନ ହୋଇଥିଲେ। ପ୍ରଧାନ ଶିକ୍ଷକ ହୀରାଲାଲ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ଜିଲାପରିଷଦ ସଦସ୍ୟା ଟିକେଶ୍ୱରୀ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ ସାହୁ, ରଞ୍ଜନ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ଆଉ ୩ଦିନ ୧୪୪ ଧାରା ବଳବତ୍ତର

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ପ୍ରସଙ୍ଗ**

**୨୭ରେ ଆସିବ କେନ୍ଦ୍ରୀୟ ଟିମ୍**

ସମ୍ବଲପୁର,୨୪।୧୨(ବ୍ୟୁରୋ)



କୋର୍ଟ ପରିସରରେ ପୋଲିସ ଜଗି ରହିଛି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ରେ ଆନ୍ଦୋଳନ ସମୟରେ କୋର୍ଟପରିସରରେ ଭଙ୍ଗାରୁଜା ଓ ବିଚାରପତିମାନଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଘଟଣାରେ ପୋଲିସ ମୋଟ ୩୯ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୧୩ଦିନ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନାହିଁ। ଏପରିସ୍ଥଳେ ଜିଲା ପ୍ରଶାସନ ପକ୍ଷରୁ ଆଉ ୩ଦିନ ଅର୍ଥାତ୍ ଡିସେମ୍ବର ୨୭ ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର କରାଯାଇଛି। ୩୦ ଜଣ ଆନ୍ଦୋଳନକାରୀ ଓକିଲ ଜେଲ ଭିତରେ ଅଛନ୍ତି। ଅନ୍ୟପଟେ ରାଜନୈତିକ ଦଳ, ବିଭିନ୍ନ ଜିଲାର ଓକିଲ ସଂଘ କର୍ମକର୍ତ୍ତା ଆସି ଜିଲାପାଳ, ଆଇଜିଙ୍କୁ ଭେଟି ଶାନ୍ତି ଫେରାଇବାକୁ ଅନୁରୋଧ କରୁଛନ୍ତି। ଏଭଳି ପରିସ୍ଥିତିରେ କାହାକୁ ଭୟ କରି ପୁଣି ୧୪୪ ଧାରା ଲାଗୁ କରାଗଲା ବୋଲି ପ୍ରଶ୍ନକରି ସାଧାରଣ ଲୋକେ ଚିନ୍ତାରେ ପଡି ଯାଇଛନ୍ତି। ପୋଲିସ ଛାଉଣି ଦେଖି ମହକିଲ ଓ ସାଧାରଣ ଲୋକମାନେ କୋର୍ଟ କାମରେ ଆସିବାକୁ ଭୟ କରୁଛନ୍ତି। ଅନ୍ୟପଟେ ଆସନ୍ତା ୨୭ରେ କେନ୍ଦ୍ରୀୟ ଟିମ୍ ଆସିବାର କାର୍ଯ୍ୟକ୍ରମ ରହିଛି। ସଂସଦୀୟ ଟିମ୍ ଆସି ଓକିଲ ସଂଘ, ସରକାର, ପୋଲିସ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପଟେ ଜାମିନ ଖାରଜ ହେବା ପରେ ପୁଣି କିଭଳି ଆବେଦନ କରିବେ ତାହା ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଓକିଲମାନେ ଅନ୍ୟ ତଥ୍ୟ ଓ କାରଣ ଦେଖାଇ ଆବେଦନ କରିବାକୁ ପ୍ରସ୍ତୁତି କରୁଛନ୍ତି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ପରିସ୍ଥିତିରେ ସମ୍ପୂର୍ଣ୍ଣ ସୁଧାର ଆସି ନ ଥିବା ଉପଲବ୍ଧି ହେବା ପରେ ପ୍ରଶାସନକୁ ୧୪୪ ଧାରା ବଳବତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା। କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ନାହିଁ। ହେଲେ ଯେଉଁମାନେ ଆସୁଛନ୍ତି ସେମାନେ ନିଜେ କାମକରି ଫେରୁଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଡିସେମ୍ବର ୧୨ରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ପୋଲିସ ଘଟଣାରେ ୮ କିନ୍ନର, ଜଣେ ସାଧାରଣ ଲୋକ ଓ ୩୦ ଜଣ ଓକିଲଙ୍କୁ ଗିରଫ କରିଛି। ଅନ୍ୟପଟେ ୫୪ ଓକିଲଙ୍କୁ ବାଦ ଦେଇ ଅନ୍ୟ ଓକିଲମାନଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ହେଲେ ନିଲମ୍ବନ ପ୍ରତ୍ୟାହୃତ ହେବା ପରେ ମଧ୍ୟ ଜିଲା ଓକିଲ ସଂଘର ଅନ୍ୟ ଓକିଲମାନେ କାର୍ଯ୍ୟରେ ଯୋଗଦେଉନାହାନ୍ତି। ସୁପ୍ରିମକୋର୍ଟ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ସହ ଲୋକମାନଙ୍କ ଯେଭଳି ସମସ୍ୟା ନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ପାଳନ କରିବାକୁ ଯାଇ କୋର୍ଟ, ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଚାରପତି, କର୍ମଚାରୀ ଓ ଅଧିକାରୀ ଆସି କୋର୍ଟ କାର୍ଯ୍ୟକରୁଛନ୍ତି। ହେଲେ ଓକିଲ ନ ଥିବାରୁ ମହକିଲମାନେ ଫେରି ଯାଉଛନ୍ତି।

## କୁଟୁରାଚୁଆଁ କଲେଜରେ ଜାତୀୟ ଗ୍ରାହକ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା, ୨୪।୧୨(ଡ଼ି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ ଦୁଇ କଲେଜରେ ଶନିବାର ଜାତୀୟ ଗ୍ରାହକ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାମାଧବ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦିବସର ମହତ୍ତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ,ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ନଳିନୀ କାନ୍ତ ମହାନ୍ତି, ସମ୍ବଲପୁର ଯୋଗ ପ୍ରଶିକ୍ଷକ ରଘୁବିର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାହକଙ୍କ ଭମିକା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଗ୍ରାହକ ସଚେତନତା ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶେଷରେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଦେଇଥିଲେ।

## ଦଳୀୟ ସଂଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୨୪।୧୨


ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍‌ପଞ୍ଚଗାଁରେ ଶନିବାର ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଲ, ପ୍ରେମସେନ ରାୟ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ। ଜିଲା ସାଧାରଣ ସମ୍ପାଦକ ଚକାନନ୍ଦ ସା ହାକୁ ପରିଚାଳନା କରିଥିଲେ। ବୈଠକରେ ଦଳର ସଙ୍ଗଠନ ସୁଦୃଢ଼ କରିବାପାଇଁ ଆଲୋଚନା ହୋଇଥିଲା।

## ରେଣ୍ଡୋ ମାଝିଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟକ

ସମ୍ବଲପୁର,୨୪।୧୨(ବ୍ୟୁରୋ)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାଂସ୍କୃତିକ ସମାଜର ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ରେଣ୍ଡୋ ମାଝୀଙ୍କ ଇଂରେଜ ଶାସନ ବିରୋଧରେ ସଂଗ୍ରାମ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୋଲି କୁହାଯାଉଥିବା ସିପାହୀ ବିଦ୍ରୋହର ବହୁ ପୂର୍ବରୁ ହୋଇଥିଲା। ସେତେବେଳେ ସାଧନର ବହୁ ଅଭାବ ସତ୍ତ୍ୱେ ସେ ଅଞ୍ଚଳର କନ୍ଧମାନଙ୍କୁ ସଂଗଠିତ କରି ଇଂରେଜମାନଙ୍କ ବିରୋଧରେ ଲେଢେଇ କରିବାରେ ସମର୍ଥ ହୋଇଥିଲେ। ତେବେ ତାଙ୍କ ଉପରେ ଯେଭଳି ଗବେଷଣା ହେବାକଥା ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ଐତିହାସିକ ଦୀପକ ପଣ୍ଡା ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ କୋଷାଧକ୍ଷ ଦୀନବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଗୁରୁପାଲିରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ


ଶ୍ରାଦ୍ଧ ବାର୍ଷିକୀରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

ସମ୍ବଲପୁର,୨୪।୧୨(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସ୍ୱାଧୀନ କରିବା ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱର୍ଗତ ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମସ୍ଥାନ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଅଧିକାରୀ ତଥା ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ଓ ଆତ୍ମନିର୍ଭରଶୀଳ ହେବାକୁ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ନିପଟ ମଫସଲରେ ଜନ୍ମିତ ନୃସିଂହ ଗୁରୁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ବିରଳ ଦୃଷ୍ଟାନ୍ତ ବୋଲି କହିଥିଲେ। ଶେଷରେ ଲକ୍ଷ୍ମଣ ବାଗ ଧନ୍ୟବାଦ ଦେଇଥିଲେ।

## ପ୍ରତିଭା ପ୍ରଦର୍ଶନ କଲେ ୧୫୫ ଛାତ୍ରୀଛାତ୍ର

ସମ୍ବଲପୁର,୨୪।୧୨(ବ୍ୟୁରୋ)

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ ବ୍ଲକର ୧୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତର୍କ, କବିତା ଆବୃତ୍ତି, କଣ୍ଠ ସଂଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡିଇଓ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି, ଓଷ୍ଟାର ପ୍ରାକ୍ତନ ଉପସଭାପତି ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଓ ଓଷ୍ଟାର ପ୍ରାକ୍ତନ ସଭାପତି ଅଜିତ କୁମାର ଦାଶ, ଡ. ଗିରିଧାରୀ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦିପାଳୀ ଚୌଧୁରୀ ଏହାକୁ ପରିଚାଳନା କରିଥିଲେ। ଓଷ୍ଟାର ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ ଧନ୍ୟବାଦ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ କରୁଣାକର ଭୁଜ ମୁଖ୍ୟଅତିଥି, ଓଷ୍ଟାର ପ୍ରାକ୍ତନ ଜିଲା ସଭାପତି ଗଗନ ବିହାରୀ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

କୋଲାବିରା,୨୪।୧୨(ଡ଼ି.ଏନ.ଏ.)

କୋଲାବିରା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ପ୍ରଦୀପ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇକ କ୍ରୀଡାର ଶୁଭାରମ୍ଭ କରିଥିବା ବେଳେ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଘନାଦ ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ମାନସ ପୁରୋହିତ, ମିତ୍ରଭାନୁ କର୍ମୀ, ସୁରେନ କୁମାର ପଧାନ, ଅଧ୍ୟାପିକା ଭାରତୀ ପଟେଲ, ସୁଷମା ପଟେଲ ସମ୍ମାନିତ ଅତିଥି ରୁପେ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ରାଜେଶ ପଟେଲ, ସନ୍ତୋଷ ପଟେଲ, ରବି ଟଣକାର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବାଳକ ବିଭାଗରେ ଶଚିନ କୁମାର ରୋହିଦାସ ଓ ବାଳିକା ବିଭାଗରୁ ସନ୍ଧ୍ୟା ପିଙ୍କ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ।

## ଜାତୀୟ ସୁରକ୍ଷାରେ ମାନବ ଦୃଷ୍ଟିକୋଣ ଆଲୋଚନାଚକ୍ର

ସମ୍ବଲପୁର,୨୪।୧୨(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଧାପନା ପ୍ରକୋଷ୍ଠ-୧ରେ ଶୁକ୍ରବାର ଜାତୀୟ ସୁରକ୍ଷାରେ ମାନବ ଦୃଷ୍ଟିକୋଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉଦ୍‌ଘାଟନ କରି ସୁରକ୍ଷାକୁ ଏକ ଜଟିଳ ପ୍ରସଙ୍ଗ ଭାବରେ ବ୍ୟାଖ୍ୟା କରିଥିଲେ। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶ୍ୱିନୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧିକ ଚିନ୍ତାଧାରାର ପ୍ରକୃତ ଅର୍ଥ ବ୍ୟାଖ୍ୟା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଗବଦ୍ ଗୀତା ଅର୍ଥ ଧର୍ମକ୍ଷେତ୍ରର ପ୍ରଥମ ପଦରୁ ଅଭିଭାଷଣ ଆରମ୍ଭ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ସହକାରୀ ଅଧାପିକା ଡ. ବନିତା ମହାନନ୍ଦିଆ ଅତିଥିମାନଙ୍କ ପରିଚୟ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ମଞ୍ଚାସୀନ ଥିଲେ। ଉତ୍ତର-ପୂର୍ବାଞ୍ଚଳ ହିଲ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଆର୍. କେ. ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଅଶୋକ ଆଚାର୍ଯ୍ୟ ମାନବ ସୁରକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡ. ନିରଞ୍ଜନ ବାରିକ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଡ. ଅଲିଭା ମିଶ୍ର ଆଞ୍ଚଳିକ ବିକାଶ ଓ ଭାରତ ପାଇଁ ସୁରକ୍ଷା ଆହ୍ୱାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## କଂଗ୍ରେସର 'ହାତରେ ହାତ ଯୋଡ଼' ଅଭିଯାନ ପ୍ରସ୍ତୁତି

ଝାରସୁଗୁଡ଼ା ଅଫିସ,୨୪।୧୨



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା।

ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶନିବାର ଅଖିଳ ଭାରତୀୟ କଂଗ୍ରେସ କମିଟି ଆହ୍ୱାନକ୍ରମେ 'ହାତରେ ହାତ ଯୋଡ' ଅଭିଯାନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ଉପସଭାପତି ସୀୟାରାମ ଦାସ ସଭାପତିତ୍ୱ କରିଥିବାବେଳେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଓ ପର୍ଯ୍ୟବେକ୍ଷକ ରାଜ କିଶୋର ଷଡ଼ଙ୍ଗୀ, ଲଖନପୁର ବ୍ଲକ ସଭାପତି ଲିଙ୍ଗରାଜ ବରେଇ, ଝାରସୁଗୁଡା ବ୍ଲକ ସଭାପତି ଅର୍ଜୁନ ନାୟକ, ଲାଇକେରା ବ୍ଲକ ସଭାପତି କୃଷ୍ଣ ଚନ୍ଦ୍ର ଭୋଇ, କୋଲାବିରା ବ୍ଲକ ସଭାପତି ଶ୍ରୀକର ସାହୁ, କିର୍ମିରା ବ୍ଲକ ସଭାପତି ଅଶ୍ୱିନୀ ବିଶ୍ୱାଳ, ବେଲପାହାଡ ଟାଉନ କଂଗ୍ରେସ ସଭାପତି ଭାସ୍କର ପଟେଲ, ବ୍ରଜରାଜନଗର ଟାଉନ ସଭାପତି ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀ ୨୬ରୁ ଆରମ୍ଭ ହେବାକୁ ଥିବା ଅଭିଯାନରେ ଦଳୀୟ କର୍ମୀଙ୍କ ଦ୍ୱାରା ବିଭିନ୍ନ ଗ୍ରାମ, ସହରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା କରାଯିବ।

## ମଡର୍ନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ରେଙ୍ଗାଲି,୨୪।୧୨(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ମଡର୍ନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଦ୍ୱାରିକାନାଥ ନାୟକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ. ଗୌରୀଦାସ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇଂରାଜୀ ଭାଷାର ମହତ୍ତ୍ୱ ରହିଛ, କିନ୍ତୁ ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ଭୁଲିବା ଉଚିତ ନୁହେଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ, ସ୍କୁଲ ଚେୟାରମ୍ୟାନ ଡା. ଅର୍ଜୁନ ନାୟକ, ଅଶୋକ ସାହୁ, ନନ୍ଦଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ କମିଟି ସଦସ୍ୟ ଅନ୍ତର୍ଯାମୀ ପାଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍କୁଲ ଅଧକ୍ଷ ଅନ୍ତର୍ଯାମୀ ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ସ୍କୁଲ ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

**ପ୍ରଥମ ରଜନୀରେ ପା-ରୁଟି, ହିନ୍ଦୁସ୍ଥାନ ଡାଏରୀ ମଞ୍ଚସ୍ଥ**

ସମ୍ବଲପୁର,୨୪।୧୨(ବ୍ୟୁରୋ)



ଆରଣ୍ୟକ ମଞ୍ଚରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବୀର ସୁରେନ୍ଦ୍ର ସାଏ ୨୫ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଶନିବାର ରାତିରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି । ଆୟୋଜକ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ବରଗଡ ଲୋକ ସଭା ସଦସ୍ୟ ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ନାଟ୍ୟବିତ୍ ବୈକୁଣ୍ଠ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ରୌପ୍ୟ ଜୟନ୍ତୀକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରଥିଲେ। ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ସୂଚନା ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭ୍ୟ ଜଗଦୀଶ ମିଶ୍ର ଓ ସରୋଜ କୁମାର ଦଳପତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଶିଷ୍ଟ ସିନେ ନିର୍ଦ୍ଦେଶକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ୨୫ତମ ନାଟକ ପ୍ରତିଯୋଗିତାକୁ ପ୍ରଦୀପଙ୍କ ସ୍ମରଣରେ ଉତ୍ସର୍ଗୀକୃତ କରାଯାଇଛି ବୋଲି ଆୟୋଜକ ଯୁବ ଉଦୟନ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ ପଦମପୁର ଲୁ ଅନୁଷ୍ଠାନର କଳାକାରମାନେ ପା-ରୁଟି ନାଟକ ମଞ୍ଚସ୍ଥ କରିଥିଲେ। ପ୍ରଥମ ରଜନୀର ଦ୍ୱିତୀୟ ନାଟକ ବରଗଡ ଜିଲା କଟାପାଲି ସ୍ପେସ ଥିଏଟର କଳାକାରମାନେ ହିନ୍ଦୁସ୍ଥାନ ଡାଏରୀ ପରିବେଷଣ କରିଥିଲେ।

## ଓମ୍ ସାଇ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା

ଖଡ଼ିଆଳ,(ଡି.ଏନ.ଏ.): ଖଡ଼ିଆଳ ଓମ୍ ସାଇ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦୦ ଛାତ୍ରୀଛାତ୍ର ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତିଥି ଭାବରେ ସ୍କୁଲ ଟ୍ରଷ୍ଟ ସଭାପତି ପୁଷ୍ପାଞ୍ଜଳି ମେହେର ଓ ଓମ ସାଇ ନିର୍ଦ୍ଦେଶକ ଅନୀଲ ମେହେର, ଅଧକ୍ଷ କ୍ଷୀରୋଦ ବିଶି, ଉପାଧକ୍ଷ ରୀତା ଟେଣ୍ଡକାରୀ ଯୋଗଦେଇଥିଲେ। ଶିକ୍ଷକ ବିସ୍ୱରାଜ ମହାନ୍ତି, ଶ୍ରୀକାନ୍ତ ରଣା, ସସ୍ମିତା ଦଣ୍ଡସେନା, ପଦ୍ମିନୀ ବେହେରା, ରଜନୀ ତିୱାରୀ, ହାରଣ୍ୟମୟୀ ଚଳାନ, ଯଜ୍ଞସେନି ବୈଠାରୁ, ଏଜେଲ ଖାଖା, ଗୁଞ୍ଜଲତା ଭୋଇ, ଯଶୋଦା କାଣ୍ଡ, ଜେନିଫର ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖଡ଼ିଆଳର ଦୁଇ ଜଣ ଜିଲା ପରିଷଦ ସଦସ୍ୟଙ୍କୁ ନୂତନ ଦାୟିତ୍ୱ

ଖଡ଼ିଆଳ,୨୪।୧୨(ଡି.ଏନ.ଏ): ଖଡ଼ିଆଳ ଅଞ୍ଚଳର ୨ଜଣ ଜିଲା ପରିଷଦ ସଦସ୍ୟଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛି ବିଜୁ ଜନତା ଦଳ। ୪ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରାଙ୍କୁ ନୂଆପଡ଼ା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବରେ ମନୋନୀତ କରାଯାଇଛି। ୬ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ମାଲ୍ୟନ୍ତ ସୁନାଙ୍କୁ ଖଡ଼ିଆଳ ବ୍ଲକ ବିଜେଡି ସଭାପତି ଭାବରେ ମନୋନୀତ କରାଯାଇଥିବା ସୂଚନା ମିଳିଛି। ଏହି ଗୁରୁ ଦାୟିତ୍ୱ ପ୍ରଦାନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଟୁକୁନୀ ସାହୁ ଓ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲା ସଭାପତି ମନୋଜ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କୁ ଉଭୟ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଚିତ୍ତରଞ୍ଜନ ବେହେରା ଓ ମାଲ୍ୟନ୍ତ ସୁନାଙ୍କୁ ବିଭିନ୍ନ ମହଲରେ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ ପାଇଁ ପ୍ରଶାସନର ପ୍ରସ୍ତୁତି

ନୂଆପଡ଼ା ଅଫିସ,୨୪।୧୨: ଆସନ୍ତା ଜାନୁୟାରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପକୁ ସ୍ମରଣ ପାଇଁ ରାଜ୍ୟର ପ୍ରତି ଜିଲାକୁ ହକି ବିଶ୍ୱକପ ଟ୍ରଫି ପରିକ୍ରମା କରିବ। ଏହିକ୍ରମରେ ଜାନୁୟାରୀ ୧ରେ ବିଶ୍ୱକପ ଟ୍ରଫି ନୂଆପଡା ଜିଲାରେ ପହଞ୍ଚିବ। ଏହାର ଭବ୍ୟ ସମ୍ବର୍ଦ୍ଧନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ଅବସରରେ ଡିସେମ୍ବର ୩୧ ତାରିଖରେ ସମସ୍ତ ବର୍ଗଜନସାଧାରଣକୁ ନେଇ ଏକ ମିନି ମାରାଥନର ଆୟୋଜନ କରାଯିବ। ଜାନୁୟାରୀ ୧ରେ ଅପରାହ୍ନରେ ଜିଲା ପ୍ରଶାସନ ପକ୍ଷରୁ କଳାହାଣ୍ଡି ଜିଲାର ବୋର୍ଡାଠାରେ ହକି ବିଶ୍ୱକପ ଟ୍ରଫି ଗ୍ରହଣ କରାଯାଇ ସେଠାରୁ ନୂଆପଡା ସଦର ମହକୁମା ସର୍କିଟ ହାଉସକୁ ଅଣାଯିବ। ୨ ତାରିଖ ସକାଳ ୭ ଟାରେ ସର୍କିଟ ହାଉସରୁ ସ୍ଥାନୀୟ ମିନି ଷ୍ଟାଡିୟମକୁ ଅଣାଯିବ। ସେଠାରେ ଜିଲାପାଳ, ନିମନ୍ତ୍ରିତ ଅତିଥି ଓ ଅନ୍ୟାନ୍ୟ ଅଧିକାରୀମାନେ ସ୍ୱାଗତ କରିବେ ଏବଂ ସ୍ୱାଗତ ପରେ ମିନି ଷ୍ଟାଡିୟମଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଏସ୍‌ପି ଅଫିସ ଦେଇ ଏକତା ଛକ ଦେଇ ମିନି ଷ୍ଟାଡିୟମରେ ପହଞ୍ଚିବ। ଏହି ଶୋଭାଯାତ୍ରାରେ ସାଂସ୍କୃତିକ ଦଳ, ବିଭିନ୍ନ କଲେଜ ଛାତ୍ରୀଛାତ୍ର, ସବୁ ବର୍ଗର ଜନସାଧାରଣ, ସାମାଜିକ ଅନୁଷ୍ଠାନ ଓ ସମସ୍ତ ସରକାରୀ କର୍ମଚାରୀ ସାମିଲ ହେବେ। ମିନିଷ୍ଟାଡିୟମରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ କିଛି ସମୟ ରହିବ। ସେଠାରେ ଏକ ସଭା ହୋଇ ମିନି ମାରାଥନ କୃତୀ ପ୍ରତିଯୋଗୀ ଓ ଜିଲା ବିଶିଷ୍ଟ କ୍ରୀଡାବିତଙ୍କୁ ପୁରସ୍କୃତ କରାଯିବ। ପରଦିନ ବିଶ୍ୱକପ ଟ୍ରଫି ଖଡିଆଳ ଅଭିମୁଖେ ଯାତ୍ରା କରିବ ଓ ରାଜା ଏଟି ହାଇସ୍କୁଲ ପଡିଆଠାରେ ସ୍ଥାନୀୟ ବିଡିଓ, ନିମନ୍ତ୍ରିତ ଅତିଥି, କ୍ରୀଡାପ୍ରେମୀ ଓ ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା କରିବେ।

# ଭୂଇଁରେ ଶୋଉଛନ୍ତି କୋଟଗାଁର ୭୫ ପରିବାର

ନୂଆପଡ଼ା ଅଫିସ,୨୪।୧୨


ଖଟିଆରେ ନ ଶୋଇ ଭୂଇଁରେ ପଟି ପକାଇ ଶୋଇଛନ୍ତି।

ଯୁଗ ବଦଳିବା ସହ ଲୋକଙ୍କ ପରମ୍ପରା ମଧ୍ୟ ବଦଳିବାରେ ଲାଗିଛି। ଆଧୁନିକ ଯୁଗରେ ଲୋକେ ଆକାଶ ମାର୍ଗରେ ଉଡି ସାରିଲେଣି । ଭୂପୃଷ୍ଠରୁ ଚନ୍ଦ୍ର ପୃଷ୍ଠକୁ ପହଞ୍ଚି ସାରିଲେଣି। ହେଲେ ନୂଆପଡ଼ା ଜିଲା ବୋଡେନ ବ୍ଲକର ପାତାଳଗଙ୍ଗା ନିକଟସ୍ଥ ଉପାନ୍ତ ଅଞ୍ଚଳ କୋଟଗାଁର ୭୫ ପରିବାରର ୩ଶହ ସଦସ୍ୟ ଆଜିବି ଭୂଇଁରେ ଶୋଉଛନ୍ତି। ଖଟପଲଙ୍କ ତିଆରି କରିବାକୁ ବା କିଣିବାକୁ ସେମାନଙ୍କ ନିକଟରେ ଅର୍ଥ ନାହିଁ, ତା’ ନୁହେଁ। ସେମାନେ ପୂର୍ବ ପୁରୁଷଙ୍କ ପରମ୍ପରାକୁ ବଜାୟ ରଖି ଖଟିଆରେ ନ ଶୋଇ ଭୂଇଁରେ ପଟି ପକାଇ ଶୋଉଛନ୍ତି। ଜନଶ୍ରୁତିରୁ ଜଣାଯାଏ ଯେ, ଦ୍ୱାପର ଯୁଗରେ ପହରିଆ ସମ୍ପ୍ରଦାୟର ସ୍ୱାମୀସ୍ତ୍ରୀ ପହରିଆ ଓ ପହରେନ ଜଙ୍ଗଲକୁ କନ୍ଦା କୋଡ଼ିବାକୁ ଯାଇଥିଲେ। ଜଙ୍ଗଲରେ କନ୍ଦା କୋଡିବା ସମୟରେ ପିଠ କନ୍ଦା ଉପରେ କୋଦାଡି ବାଜି ଯାଇ ରକ୍ତ ବର୍ଣ୍ଣର ପାଣି ବାହାରି ଥିଲା। ଏହି ସମୟରେ ଆକାଶ ମାର୍ଗରେ କ୍ରନ୍ଦନ ଶବ୍ଦ ଶୁଣାଯାଇଥିଲା। କିଛି ସମୟ ପରେ ଆକାବାଣୀ ହେଲା ଯେ, ମୁଁ ଜଣେ ଦେବୀ ଏହି ଠାରେ ରହିଥିଲି। କୋଦାଡି ବାଜିବାରୁ ବାହାରକୁ ବାହାରି ଆସିଛି। ମୋତେ ନେଇ ଗ୍ରାମ ବାହାରେ ମୁଖ୍ୟ ରାସ୍ତା କଡ଼ରେ ପୂଜା କରିବୁ। ପହରିଆ ଓ ପହରେନ ଆଶ୍ଚର୍ଯ୍ୟ ହୋଇ ଚମକି ପଡିଲେ ଓ ଭୟରେ ଘରକୁ ଫେରିଆସିଲେ। ଘରକୁ ପହଞ୍ଚିଲା ପରେ ପହରେନଙ୍କୁ କାଲିସି ଆସି କହିଲେ, ମୁଁ ଜଗତମାତା ଦ୍ୱାରସେନୀ ଦେବୀ। ମୋତେ ପୂଜା କର। ଏହି ଧରାପୃଷ୍ଠରେ ସମସ୍ତଙ୍କ ମଙ୍ଗଳ ହେବ। ମୋତେ ସେବାକଲେ ନିପୁତ୍ରିକୁ ପୁତ୍ର, ନିର୍ଧନୀ କେ ଧନ, ଛୋଟାକେ ପାଦ, ଅନ୍ଧକୁ ଚକ୍ଷୁ ପାଇ ଜଗତ ଦେଖିବେ ବୋଲି ଦେବୀ କହିଥିଲେ। ସେହି ଦିନଠାରୁ ପାତାଳଗଙ୍ଗାସ୍ଥିତ କୋଟଗାଁର ପହରିଆ ସମ୍ପ୍ରଦାୟର ଚିନ୍ଦା ସାଙ୍ଗିଆଧାରୀ ପରିବାର ପିଢି ପରେ ପିଢି ଦ୍ୱାରସେନୀ ଦେବୀଙ୍କ ସେବା କରି ଆସୁଛନ୍ତି। ଦେବୀ ମାଟିରୁ ଜନ୍ମ ହୋଇଥିବାରୁ ମାଟିକୁ ଛାଡି ପୂର୍ବ ପରମ୍ପରା ଅନୁସାରେ ଏମାନେ ଖଟିଆରେ ନ ଶୋଇ ଭୂଇଁରେ ପଟି ପକାଇ ଶୋଇଥାନ୍ତି। ଯଦି ଭୁଲରେ କେହି ଖଟିଆରେ ଶୋଇ ପଡ଼ନ୍ତି ତେବେ ଅମଙ୍ଗଳ ଘଟେ ବୋଲି ବିଶ୍ୱାସ ରହିଛି। କେବଳ ଯେ, ତଳେ ଶୁଅନ୍ତି ତା’ନୁହେଁ, ଏମାନେ ଜୋତା କିମ୍ବା ଚପଲ ବ୍ୟବହାର ନ କରି ଖାଲି ପାଦରେ ଚାଲିଥାନ୍ତି। କୋଟଗାଁର ୭୫ ପରିବାରର ୩ ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଓ ଅଞ୍ଚଳରେ ଥିବା ଚିନ୍ଦା ପରିବାର ଏହି ସବୁ ପାଳନ କରି ଆସୁଛନ୍ତି। ଆଧୁନିକ ଯୁଗରେ ଲୋକେ ଅନେକ ପ୍ରକାର ବେଶଭୂଷାରେ ବାହାରକୁ ଯାଉଛନ୍ତି। ହେଲେ ଚିନ୍ଦା ପରିବାର ସଦସ୍ୟମାନେ ଦେବୀଙ୍କ ଆଦେଶ ଅନୁସାରେ ଧଳାବସ୍ତ୍ର ପରିଧାନ କରୁଛନ୍ତି। ଆମର ବିଶ୍ୱାସ ଅଛି ଦେବୀଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ରହିଛି। ଆମେ ନିୟମକୁ ଉଲ୍ଲଂଘନ କଲେ ଆମ ଉପରେ ଦେବୀ କୋପ କରିବେ ବୋଲି ଦେବୀଙ୍କ ପୂଜକ ଦୁଲାରାମ ପୂଜାରି ପ୍ରକାଶ କରିଛନ୍ତି।

**ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖି ଖଟିଆରେ ନ ଶୋଇ ତଳେ ଶୋଉଛନ୍ତି**

## କେସିଏସ୍‌ଏ କ୍ରିକେଟ: ଛତିଶଗଡ଼ ଫରେଷ୍ଟ ଚାମ୍ପିୟନ


କେସିଏସ୍‌ଏ କ୍ରିକେଟ ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

ଖଡ଼ିଆଳ,୨୪।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଆସୁଥିବା ୨୦ତମ ସର୍ବଭାରତୀୟ କେସିଏସ୍‌ଏ କ୍ରିକେଟ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଛତିଶଗଡ଼ ଫରେଷ୍ଟ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଛତିଶଗଡ଼ ଫରେଷ୍ଟ ଓ ଭୁବନେଶ୍ୱର ଟାଉନ ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଟାଉନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିବାବେଳେ ଛତିଶଗଡ଼ ଫରେଷ୍ଟ ବ୍ୟାଟିଂ କରି ୭.୪ ଓଭରରେ ଏକ ଉଇକେଟ ବିନିମୟରେ ୧୧୧ ରନ କରି ୯ ଉଇକେଟରେ ବିଜୟୀ ହୋଇଥିଲା। ଛତିଶଗଡ଼ ଫରେଷ୍ଟ ଦଳର ହମିଦ ରାଜା ତିନୋଟି ମ୍ୟାଚରେ ୭୭ ଓ ତିନୋଟି ଖେଳରେ ୬ ଉଇକେଟ ନେଇ ମ୍ୟାନ ଅଫ୍ ଦି ସିରିଜ ଓ ୧୦ ବଲରେ ୨୮ ରନ ସଂଗ୍ରହ କରି ୧ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟୀ ଦଳକୁ ୫୧ ହଜାର ଟଙ୍କା ଓ ଟ୍ରଫି, ଉପବିଜେତା ଦଳକୁ ୩୧ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ବେଷ୍ଟ ବ୍ୟାଟିଂ ଓ ଉଇକେଟ କିପର ପାଇଁ ଭୁବନେଶ୍ୱର ଟିମ୍‌ର ଗିରିଜା ମିଶ୍ର, ବେଷ୍ଟ ବୋଲିଂ ପାଇଁ ଖଡ଼ିଆଳ କେସିଏସ୍‌ଏ ଟିମ୍‌ର ମହମ୍ମଦ ଫେଜ, ବେଷ୍ଟ ଫିଲ୍ଡର ଭୁବନେଶ୍ୱରର ସୁମନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ଓସିଏ ପେନାଲ ଏମ୍ପିଆର ପ୍ରତାପ ପାତ୍ର ଓ ଅନୀଲ ଦାଶ। ଧାରାବିବରଣୀ ପ୍ରଦାନ କରିଥିଲେ ବିଶ୍ୱଜିତ ପାଢ଼ୀ, ଆଶିଷ ତ୍ରିବେଦୀ, ଟୁନା ନାଏକ ଓ ସ୍କୋରର ଭାବରେ ଫେଜ ମହମ୍ମଦ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଥିବାବେଳେ କେସିଏସ୍‌ଏ ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଓଡ଼ିଶା କ୍ରିକେଟ ସଂଘର ସମ୍ପାଦକ ସରୋଜ କୁମାର ସାହୁ, ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ନୂଆପଡା ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶଚନ୍ଦ୍ର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ ପ୍ରମୁଖ ଯୋଗଦେଇଥିଲେ। ଖେଳ ମଣ୍ଡପରେ ପୂର୍ବତନ କେସିଏସ୍‌ଏ ଖେଳାଳି କପିଳ ସାଗରଙ୍କ ଫଟୋ ଦେଇ ମରଣୋତ୍ତର ସମ୍ମାନ ସହିତ ସ୍ମୃତି ଅବସରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅବସର ନେଇଥିବା ପୂର୍ବତନ କେସିଏସ୍‌ଏ ଖେଳାଳି ଅଶ୍ୱିନୀ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। କେସିଏସ୍‌ଏ ଆୟୋଜନ କମିଟିର ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ଟୁନା ନାଏକ, ଗୁଡୁ ପାଣିଗ୍ରାହୀ, ଅମିତାଭ ପଟେଲ, ନେତ୍ରାନନ୍ଦ ଶବର, ଶ୍ୟାମସୁନ୍ଦର ନାଗ, ସରୋଜ ପଣ୍ଡା, ସୁବୁ ଭୋଇ, ବିନୋଦ ଦୁରିଆ, ହରିହର ସାହୁ, ନନ୍ଦୁ ସାହୁ, ଅକ୍ଷୟ ପାଢ଼ୀ, ନିତିନ ପଟ୍ଟନାୟକ, ଫିରୋଜ ଖାନ, ଆଦିତ୍ୟ ମହାପାତ୍ର, ମନୋଜ ଦୀପଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସାଇକେଲ ଟୋକନ କାଟିବାନେଇ ଅସନ୍ତୋଷ

ଦେଓଗାଁ, ୨୪।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତରେ ପ୍ରତ୍ୟେକ ପିଡିଏସ ହିତାଧିକାରୀ ତଥା ପଞ୍ଚାୟତର ସମସ୍ତ ପରିବାରଠୁ ସାଇକେଲ ଟୋକନ କାଟିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସାଇକେଲ ଥିବା ବ୍ୟକ୍ତିଙ୍କଠାରୁ ପଞ୍ଚାୟତ ଟ୍ୟାକ୍ସ ବାବଦକୁ କିଛି ଅର୍ଥ ଆଦାୟ କରାଯାଇଥାଏ। ତେବେ ଏହିପରିପେକ୍ଷୀରେ ଶନିବାର ଉକ୍ତ ପଞ୍ଚାୟତରେ ପିଡିଏସ ବଣ୍ଟନ ସମୟରେ ପ୍ରତ୍ୟେକ ସାଇକେଲ ଥିବା ଓ ସାଇକେଲ ନଥିବା ସମସ୍ତ ହିତାଧିକାରୀଙ୍କଠାରୁ ୨୦ଟଙ୍କା ଲେଖାଏ ଆଦାୟ କରାଯିବାକୁ ନେଇ ସାଧାରଣରେ ଆଲୋଚ୍ୟର ବିଷୟ ହେବାସହ ସନ୍ଦେହ ପ୍ରକାଶ ପାଇଥିଲା । କେତେକ ବ୍ୟକ୍ତି ଏହା କେଉଁ ଆଧାରରେ ଆଦାୟ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ । ତେବେ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସୀ ସନ୍ତୋଷଜନକ ଉତ୍ତର ନଦେବାରୁ ଏନେଇ ତଦନ୍ତ କରିବାପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଜନୈକ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ମତ ନେବାରୁ ସାଇକେଲ ଟୋକନ ଆଦାୟ କରିବା ନିୟମ ପୂର୍ବରୁ ରହିଛି। ଏଣୁ ଯାହାର ସାଇକେଲ ଅଛି ସେହି ହିତାଧିକାରୀଙ୍କଠୁ ୨୦ଟଙ୍କା ଲେଖାଏ ଆଦାୟ କରିହେବ। ହେଲେ ସମସ୍ତଙ୍କୁଠୁ ଆଦାୟ କରିବା ଠିକ ନୁହେଁ ବୋଲି କହିଥିଲେ । ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପଚାରିବାରୁ ଏ ବିଷୟରେ ମୋ ପାଖରେ ସୂଚନା ନାହିଁ। ତେବେ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଶିଷ


@ ଗୋବିନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଗମୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ


ଅତିଥିମାନେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି।

ନୂଆପଡ଼ା ଅଫିସ,୨୪।୨୨

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖେଳ ପଡିଆରେ ଚତୁର୍ଥ ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, କୁରୁମପୁରି ସରପଞ୍ଚ ରାୟଧର ବଘେଲ, ପୂର୍ବତନ ସରପଞ୍ଚ ଦିବ୍ୟସିଂ ମାଝି, ସମାଜସେବୀ ସନ୍ତୋଷ ବିଶ୍ୱାଳ, ଗାଁ ଗୌଡିଆ ଖେରା ମଟାରୀ, ଧନୁଯାତ୍ରା ସଭାପତି ଶାନ୍ତିଲାଲ ମଟାରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ରଜନୀରେ ଇନ୍ଦୁମତୀ ହରଣ, ଦୁର୍ମିଳା ବଧ, ଦେବକୀ ବିବାହ ଓ ଉଗ୍ରେସନଙ୍କ ଗାଦିଚ୍ୟୁତ ଆଦି ଧନୁଯାତ୍ରା ନାଟ୍ୟ ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। ପରିଚାଳନା କମିଟି ସଭାପତି ଶାନ୍ତିଲାଲ ମଟାରୀଙ୍କ ସମେତ ସମ୍ପାଦକ ଭୁବନ ସତନାମୀ, ସହ ସମ୍ପାଦକ ଦେଓଲାଲ ବାଗ, କୋଷାଧକ୍ଷ ମିଟୁ ମଟାରୀ, ପଞ୍ଚାନନ ମଟାରୀ, ପ୍ରେମଲାଲ ସତନାମୀ, ଗଜିନ୍ଦ୍ର ମଟାରୀ, ଅନାଦି ବଢେଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଦିନମଜୁରିଆ ପୁଅଙ୍କ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ସଫଳତା

ଖଡ଼ିଆଳ,୨୪।୧୨(ଡି.ଏନ.ଏ.)

**କୃତିତ୍ୱ ଅର୍ଜନ କରିଥିବା ଛାତ୍ରଙ୍କୁ ୩ କିମି. ରାଲିକରି ସମ୍ବର୍ଦ୍ଧନା**

ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ ନୂଆପଡା ଜିଲା ଖଡ଼ିଆଳ ବ୍ଲକ କୁଲିଗାଁ ସେବାଶ୍ରମର ଛାତ୍ର ଅବିନାଶ ତାଣ୍ଡି କୃତିତ୍ୱ ଅର୍ଜନ କରିଛନ୍ତି। ଏଥିପାଇଁ ସେବାଶ୍ରମ ଓ ତାଙ୍କ ପରିବାର ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସାନ ମହେଶ୍ୱର ଗ୍ରାମରୁ ତିନି କିଲୋମିଟର ପର୍ଯ୍ୟନ୍ତ ମୋଟର ସାଇକେଲ ରାଲି କରି ଓ ବାଜା ବଜାଇ ସ୍କୁଲକୁ ତାଙ୍କୁ ନିଆ ଯାଇଥିଲା। ବାଟ ସାରା ତାଙ୍କୁ ବନ୍ଦାପନା କରିବା ସହ ସ୍ୱାଗତ କରିଥିଲେ ଗ୍ରାମବାସୀ। ତାଙ୍କର ଏହି କୃତିତ୍ୱ ପାଇଁ ବାପା ଦିଲ୍ଲୀପ ତାଣ୍ଡି, କୁଲିଗାଁ ସେବାଶ୍ରମର ପ୍ରଧାନ ଶିକ୍ଷକ ପୀତବାସ ଜଗତଙ୍କ ସମେତ ଶିକ୍ଷକ ରଜନୀକାନ୍ତ ଯୋଶୀ, ଶ୍ୟାମସୁନ୍ଦର ମେହେର, ରତ୍ନାକର ଠେଲା, ସୁଭାକାର ମାଝୀ, ଶିକ୍ଷୟିତ୍ରୀ ଲତିକା ମଞ୍ଜରୀ ରାଉତ, ପୂର୍ବତନ ସରପଞ୍ଚ ବିଦୁର ଶବର ଓ ଗ୍ରାମବାସୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚମ ଶ୍ରେଣୀରେ ପଢୁଥିବା ଅବିନାଶ ଜଣେ ମେଧାବୀ ଛାତ୍ର ଓ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସର୍ଗିଫୁଲ କାର୍ଯ୍ୟକ୍ରମର ରାଜ୍ୟ ଉତ୍ସବର ବକ୍ତୃତା ପ୍ରତିଯୋଗିତାରେ ନୂଆପଡା ଜିଲାର ଏକମାତ୍ର ପ୍ରତିଯୋଗୀ ଭାବରେ ସେ ପୁରସ୍କାର ହାସଲ କରିଥିଲେ। ଅବିନାଶଙ୍କ ମାଆ ବର୍ଷକ ତଳେ ମୃତ୍ୟୁବରଣ କରିଥିବାବେଳେ ବାପା ଜଣେ ଦିନମଜୁରିଆ।


ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମର ସଫଳ ଛାତ୍ରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

## ଓଷ୍ଟା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବ

ଖଡ଼ିଆଳ,୨୪।୧୨(ଡି.ଏନ.ଏ.)


ଓଷ୍ଟା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବରେ ଛାତ୍ରୀଛାତ୍ର, ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକ।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବରଗାଁସ୍ଥିତ ଜୟ କିଷାନ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ସଭାପତିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଶିଶୁ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କଣ୍ଠସଙ୍ଗୀତ, କବିତା ଆବୃତ୍ତି, କବିତା ରଚନା, ଗଳ୍ପ ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ସମସ୍ତ ବ୍ଲକରୁ ଚୟନ ହୋଇ ଆସିଥିବା ପ୍ରାୟ ଶହେ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତର୍କରେ ମୌସୁମୀ ବାଗ, କଣ୍ଠ ସଙ୍ଗୀତରେ ପ୍ରଭାମୟୀ ମାଝୀ, ଚିତ୍ରାଙ୍କନରେ ଝରଶଙ୍କର ହଂସ, କବିତା ଆବୃତ୍ତିରେ ରଞ୍ଜିତା ମାଝୀ, ଗଳ୍ପ ରଚନାରେ ନସରିନ ପରୱିନ, କବିତା ରଚନାରେ ରବିରଞ୍ଜନ ବାଗ, ଏକକ ଅଭିନୟରେ ଚନ୍ଦ୍ରିକା ମଙ୍ଗରାଜ, ବୁଦ୍ଧି ପରୀକ୍ଷାରେ ତ୍ରିବିକ୍ରମ ରଣା, ସାଧାରଣ ଜ୍ଞାନରେ ସୁୟସ ଯୋଷୀ ଓ ଏକକ ନୃତ୍ୟରେ ଝମ୍ପିରାଣୀ ଜଗତ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗ ଦେବାକୁ ଯୋଗ୍ୟବିବେଚିତ ହୋଇପାରିଛନ୍ତି। ଏହି ଉତ୍ସବ ଅବସରରେ ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ସଭାପତି ବନବିହାରୀ ମେହେର ସଭାପତିତ୍ୱ କରିଥିଲେ। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ଭାବରେ ଓ ଜିଲା ପରିଷଦ ଅଧକ୍ଷା ଡଲି ମାଝୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ଓଷ୍ଟା ଉପ ସଭାପତି ରବୀନ୍ଦ୍ର କୁମାର ମୁଣ୍ଡ, ଓଷ୍ଟା କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ କୁମାର ଯୋଷୀ, ପ୍ରଧାନ ଶିକ୍ଷକ ଲୋକେଶ୍ୱର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଜିଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଶୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଡ଼ ସୁଶାନ୍ତ କୁମାର ବିଶି ମଞ୍ଚ ସଂଯୋଜନା କରିଥିଲେ। ଜୟଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଗୌରାଙ୍ଗ ସାହୁ, ପରମେଶ୍ୱର ବାରିକ, କୁନାଲ ଚରଣ ବେହେରା, ରାଧେଶ୍ୟାମ ବିଶି, ଅମୂଲ୍ୟ ମୁଣ୍ଡ, ପ୍ରଦୀପ ପତି, ହିମାଂଶୁ ପୋଡ, ଦେବାନନ୍ଦ ବେହେରା, ସୁରେଶ ମାଝୀ, ପ୍ରଦ୍ୟୁମ୍ନ ସରାଫ, ଆଦିତ୍ୟ ପାଣିଗ୍ରାହୀ, ଅଶୋକ କୁମାର ବାରିକ, ମୋତିଲାଲ ବାଗ, ଚତୁର୍ଭୁଜ ସିଂଦେଓ, ଅନିରୁଦ୍ଧ ପଣ୍ଡା, ପରମେଶ୍ୱର କଠାର ପ୍ରମୁଖ ବିଚାରକ ଭାବରେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଛବି ପୋଡ଼, ସିନାପାଲି ବ୍ଲକ ଓଷ୍ଟା ସଭାପତି ଅଶ୍ୱିନୀ କୁମାର ଯୋଷୀ, ଜିତେନ୍ଦ୍ର ପଣ୍ଡା, ଭରତ ବେହେରା, ଆଶିଷ ଯୋଷୀ, ସୁବାସ ଚନ୍ଦ୍ର ସାହୁ, ପଣ୍ଡୁରାମ ପାଣ୍ଡେ, ସିମାଞ୍ଚଳ ଦାସ, ତପନ ବହିଦାର, ପ୍ରିୟମଞ୍ଜରୀ ବେହେରା, ସୀମାଶ୍ରୀ ମହାପାତ୍ର, ଦିବ୍ୟା ମହାନନ୍ଦ, ଦମୟନ୍ତୀ ପଟେଲ, ରଣଜିତ ଧରୁଆ, ଦେବେନ୍ଦ୍ର ମାଝି, ଶୁଭଶ୍ରୀ ଭିତ୍ରିଆ, ଗୀତାଞ୍ଜଳି ଶବର, ରୋନା ଏଲିଶା ଜାଲ, ଅନିଶା ପଣ୍ଡା, ଅଭିମନ୍ୟୁ ବରିହା, ଚମ୍ପୋରାମ ବାରିକ, ହେରମ୍ବରାଜ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଷ୍ଟିଲ୍‌ସିଟିରେ ଖ୍ରୀଷ୍ଟମାସ ପାଳିତ

**ରାଉରକେଲା ଅଫିସ,୨୪।୧୨:** ଷ୍ଟିଲସିଟି ରାଉରକେଲାରେ ଖ୍ରୀଷ୍ଟମାସ ପର୍ବକୁ ଧୂମ୍‌ଧାମ୍‌ରେ ଶନିବାର ସନ୍ଧ୍ୟାରେ ପାଳିତ ହୋଇଛି। ସହରର ଝିରପାଣି, ହମିରପୁର, ସେକ୍ଟର-୯ ସ୍ଥିତ ଚର୍ଚ୍ଚଗୁଡ଼ିକ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସମସ୍ତ ଚର୍ଚ୍ଚରେ ଫାଦରଙ୍କ ଉପସ୍ଥିତିରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ଯୀଶୁଖ୍ରୀଷ୍ଟଙ୍କ ଧରାପୃଷ୍ଠକୁ ଆଗମନ ଓ ତାଙ୍କ ଜୀବନୀ ଉପରେ ଚର୍ଚ୍ଚର ଫାଦରମାନେ ବାଇବେଲ ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କୁ ଅବଗତ କରାଇଥିଲେ। ପରେ ଯୀଶୁଙ୍କ ଆରାଧନା କରାଯାଇଥିଲା। ଏଥିସହ ଖ୍ରୀଷ୍ଟଧର୍ମର ଲୋକମାନେ ବିଭିନ୍ନ ଏକତ୍ରିତ ହୋଇ ସାମୂହିକ ବିଶ୍ୱଶାନ୍ତି ଓ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ। ଖ୍ରୀଷ୍ଟମାସ ପର୍ବ ପାଳନ ପରିପ୍ରେକ୍ଷୀରେ ଝିରପାଣି ସ୍ଥିତ କାଥୋଲିକ୍ ଚର୍ଚ୍ଚ, ଏନ୍‌ଡବ୍ଲ୍ୟୁଜିଇଏଲ ଚର୍ଚ୍ଚ, ମେରିୟମ ଆଦି ଚର୍ଚ୍ଚ ଉତ୍ସବ ମୁଖର ହୋଇ ଉଠିଥିଲା।

### ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

**ସମ୍ବଲପୁର,୨୪।୧୨(ବ୍ୟୁରୋ):** ସମ୍ବଲପୁର ଜିଲା ଧମାସ୍ଥିତ ମା' ଝାଡେଶ୍ୱରୀ ମହାବିଦ୍ୟାଳୟ ସଭାକକ୍ଷରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆର୍‌ଟିଓ ଜୁନିୟର ଏମଭିଓ ଧର୍ମେନ୍ଦ୍ର କୁମାର ଦେହୁରି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରକ୍ଷିତ ଗାଡିଚାଳନା ଓ ବିଭିନ୍ନ ନୀତିନିୟମ ବିଷୟରେ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଚ୍ଚମାଧମିକ ବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପୁରୋହିତ ଶପଥ ପାଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜକ ହୋପ ସ୍କୋପ ଏକାଡେମୀ ପ୍ରତିଷ୍ଠାତା ମନୋରଞ୍ଜନ ବେହେରା ଛାତ୍ରୀଛାତ୍ର କିପରି ଗାଡି ଚଳାଇବେ ସେ ନେଇ ବୁଝାଇଥିଲେ। ଇତିହାସ ବିଭାଗ ଅଧାପକ ରବିନ୍ଦ୍ର ନାରାୟଣ ଠାକୁର ସ୍ୱାଗତ ଭାଷଣ ଓ ମା' ଝାଡେଶ୍ୱରୀ ମହାବିଦ୍ୟାଳୟ ଅଧକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବୁର୍ଲା ଡିଏଭି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୨୪।୧୨(ବ୍ୟୁରୋ):** ବୁର୍ଲାସ୍ଥିତ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରଶ୍ମି ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ମହାନଦୀ କୋଇଲା କମ୍ପାନୀ ଖଣି ଓ ଜନମଙ୍ଗଳ ଜେନେରାଲ ମ୍ୟାନେଜର ତଥା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଭି. କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଶୁଭାରମ୍ଭ କରଥିଲେ। ଉଦ୍‌ଯାପନୀ ଉତ୍ସବରେ ଏମ୍‌ସିଏଲ ଜେନେରାଲ ମ୍ୟାନେଜର (ସାଧାରଣ) ଆର୍.କେ. ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ଯମୁନା ହାଉସ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମିନ ମଲ୍ଲିକ ଓ ରାଜଶ୍ରୀ ସାହାଣୀ ଇଭେଣ୍ଟ ପରିଚାଳନା କରିଥିଲେ।

# ଜଙ୍ଗଲ ଜମିରୁ ଘର ଉଚ୍ଛେଦ କଲା ବନ ବିଭାଗ

**ରାଉରକେଲା ଅଫିସ,୨୪।୧୨**

ରାଉରକେଲା ଗୋପବନ୍ଧୁପାଲି ସ୍ଥିତ ବୈଷ୍ଣବଦେବୀ ମନ୍ଦିର ନିକଟ ତେଲିପଡା ବସ୍ତିରେ କିଛି ଘରକୁ ରାଉରକେଲା ବନ ବିଭାଗ ଶନିବାର ଉଚ୍ଛେଦ କରିଛି। ତେଲିପଡା ବସ୍ତିର ଦୁର୍ଗାପୁର ପାହାଡ ଉପରେ ସ୍ଥାନୀୟ ଲୋକେ ଜଙ୍ଗଲ ଜମି ଜବରଦଖଲ କରି ଘର ନିର୍ମାଣ କରୁଥିଲେ। ସୂଚନା ପାଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଶନିବାର ସାଢେ ୧୧ଟାରେ ସେଠାରେ


ବନ ବିଭାଗ ପକ୍ଷରୁ ଘରଗୁଡିକୁ ଉଚ୍ଛେଦ କରାଯାଉଛି।

ଚଢାଉ କରିଥିଲେ। ଚଢାଉ ସମୟରେ ଜଙ୍ଗଲ ଜମିକୁ କବ୍‌ଜା କରି ୧୫ରୁ ଉର୍ଦ୍ଧ୍ୱ ଘର ତିଆରି ହୋଇଥିବା ଦେଖିବାକୁ ମିଳିଥିଲା। ରାଉରକେଲା ରେଞ୍ଜ୍ ଅଫିସର ଅସିତ କୁମାର ପଟ୍ଟନାୟକ, ଫରେଷ୍ଟର ହରିଶ୍ଚନ୍ଦ୍ର ଜେନା, ଦୁଃଖୁ କିଷାନ, ରୀତାଞ୍ଜଳି ଶତପଥୀ, ଫରେଷ୍ଟ ଗାର୍ଡ ମଧୁସ୍ମିତା ସେନାପତି, ରଜତ ମହାନ୍ତି ପ୍ରମୁଖ ବେଆଇନ ଗୃହକୁ ଉଚ୍ଛେଦ କରିଥିଲେ। ଆଗାମୀ ଦିନରେ ଏଭଳି ବେଆଇନ ଭାବେ ଜଙ୍ଗଲ ଜମିକୁ ଜବରଦଖଲ ନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ଏହାପୂର୍ବରୁ ବାସନ୍ତୀ କଲୋନି ଏଫ୍‌ଏଲ୍ ବ୍ଲକ ସାଇ ମନ୍ଦିର ପାଖରେ ଜଙ୍ଗଲ ବିଭାଗ ୫୦ରୁ ଉର୍ଦ୍ଧ୍ୱ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିଥିଲା।

# ନାରୀ ସଶକ୍ତୀକରଣର ପ୍ରଭାବୀ ପଦକ୍ଷେପ ନାହିଁ

**ଝାରସୁଗୁଡ଼ା ଅଫିସ,୨୪।୧୨**

ଓଡ଼ିଶା ସରକାର ନାରୀ ସଶକ୍ତୀକରଣ ନାମରେ କେବଳ ପ୍ରହସନ କରୁଛନ୍ତି। ନାରୀଙ୍କୁ ଆର୍ଥିକ ଭାବେ ସଶକ୍ତୀକରଣ କରିବାର କୌଣସି ପ୍ରଭାବୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଝାଡ଼ଖଣ୍ଡ ଭାରତୀୟ ଜନତା ପାର୍ଟି ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ା ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ରୀତା ଶର୍ମା ବିଟିଏମ୍‌ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଥିଲେ, ବିଜେଡି ସରକାର ଆଇନଶୃଙ୍ଖଳାରେ ବିଫଳ ହୋଇଛି। ପୂର୍ବରୁ ମମିତା ମେହେର ହତ୍ୟାକାଣ୍ଡରେ ଦଳର ନେତାଙ୍କ ସମ୍ପୃକ୍ତିକୁ ନେଇ ତୁମ୍ଫିତୋଫାନ ହେଉଥିବା ବେଳେ ମାମଲାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ଜେଲ ଭିତରେ ମୃତ୍ୟୁ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ତାଙ୍କ ନିକଟରେ ଅନେକ ତଥ୍ୟ ଥିବା ହେତୁ ତାହା କାଳେ ପ୍ରଘଟ ହୋଇଯିବ ସେହି ଭୟରେ ଅଭିଯୁକ୍ତଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଶର୍ମା ଅଭିଯୋଗ ଆଣିଛନ୍ତି। ଓଡ଼ିଶାର ମହିଳାମାନଙ୍କ ନିକଟରେ ଅନେକ ଦକ୍ଷତା ରହିଛି। କିନ୍ତୁ ସେମାନଙ୍କ ଦକ୍ଷତାର ବିକାଶ କରିବାକୁ ସରକାରୀ ସ୍ତରରେ ଯେଉଁ ପଦକ୍ଷେପ ନିଆଯିବା କଥା ସେଥିରେ ଅଭାବ ପରିଲକ୍ଷିତ ହେଉଛି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମଙ୍ଗଳ ସାହୁ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ନିର୍ବାହୀ ସଦସ୍ୟା ସେବତୀ ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାପତି ରୀନା ପଟେଲ, ସାଧାରଣ ସମ୍ପାଦିକା ସଞ୍ଜୁ ସେଠ ପ୍ରମୁଖ ମଞ୍ଚାସୀନ ଥିଲେ।

### ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ

**ଝାରସୁଗୁଡ଼ା ଅଫିସ,୨୪।୧୨**

ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଆସନ୍ତା ୩୧ରୁ ଆରମ୍ଭ ହୋଇ ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ଚାଲିବ । ପାରମ୍ପରିକ ରୀନିନୀତି ଅନୁଯାୟୀ କମିଟି ତରଫରୁ ଶନିବାର ଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି ଅବସରରେ କମିଟି କର୍ମକର୍ତ୍ତା ବନ୍ଧବାହାଲ ଗ୍ରାମର ଗୌନ୍ତିଆ ସଞ୍ଜୟ ସିଂହଙ୍କୁ ବରଣ କରିବା ସହ ଢୋଲ, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ର ବଜାଇ ଶୋଭାଯାତ୍ରାରେ ବାହାରି ଗହୀରରେ ଥିବା ଭୀମଗୁଡିରେ ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମ ମଣ୍ଡପ (ଗୋପପୁର) ଓ ଯାତ୍ରା ମଣ୍ଡପ (ମଥୁରାପୁର)ରେ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ପୂଜକ ଭାବେ ନରେନ୍ଦ୍ର ପୂଜାରୀ ଓ ଝାଙ୍କର ଟଙ୍କଧର ନେଟି ପୂଜା କରିଥିଲେ । ଏଥିରେ କମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ କରାଳି, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ଘନଶ୍ୟାମ ସିଂହ, କୃଷ୍ଣଚନ୍ଦ୍ର ସିଂହ, ବିରଞ୍ଚି ପ୍ରଧାନ ପ୍ରମୁଖ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଆଶିଷ


@ ଗୋବିନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

**ରାଉରକେଲା ଅଫିସ,୨୪।୧୨**

ରାଉରକେଲା ଉଦିତନଗର ସ୍ଥିତ ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ପରିସରରେ ୧୯ତମ ବାର୍ଷିକ ସାଧାରଣ ସଭା ସଭାପତି ଦିଲୀପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ସଭାରେ ବ୍ୟାଙ୍କର ସିଇଓ ରବିନ୍ଦ୍ର କୁମାର ମିଶ୍ରଙ୍କ ସମେତ ନବ ନିର୍ବାଚିତ ୧୫ ଜଣ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ବିଗତ ବର୍ଷର ହାନିଲାଭ ବିଷୟରେ ସଭାପତି ମହାପାତ୍ର ଅବଗତ କରାଇଥିଲେ। ରାଉରକେଲା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ କିଭଳି ଆଗାମୀ ଦିନରେ ଗ୍ରାହକମାନଙ୍କ ପାଇଁ ଲୋକାଭିମୁଖୀ ଯୋଜନା ସାଙ୍ଗକୁ ଡିଜିଟାଲ ବ୍ୟବସ୍ଥାକୁ ଅଧିକ ତ୍ୱରାନିତ କରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୨୦୨୩ ଜାନୁଆରୀ ୧ରୁ ଗ୍ରାହକମାନଙ୍କୁ ବିବିପିଏସ୍ ସେବା ସହ ଏଟିଏମ୍ ସେବା ଯୋଗାଇ ଦିଆଯିବ ବୋଲି ମହାପାତ୍ର ସୂଚନା ଦେଇଥିଲେ।


ସଭାରେ ଉପସ୍ଥିତ ଅଧିକାରୀ ଏବଂ ନିର୍ଦ୍ଦେଶକଗଣ।

ବ୍ୟାଙ୍କର ଅଂଶୀଦାରମାନଙ୍କୁ ୭ ପ୍ରତିଶତ ଲାଭାଂଶ ପ୍ରଦାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ବ୍ୟାଙ୍କରେ ଥିବା ଗୃହଋଣ ୮.୫୦ ପ୍ରତିଶତ, କାର୍ ଲୋନ୍ ପାଇଁ ବିନା କୌଣସି ସିକ୍ୟୁରିଟିରେ ଲୋନ ପ୍ରଦାନ କରିବା ଭଳି ବିଭିନ୍ନ ସ୍କିମ ଗ୍ରାହକମାନଙ୍କୁ ପ୍ରଦାନ କରାଯିବ ବୋଲି ମହାପାତ୍ର ଅବଗତ କରିଥିଲେ। ବ୍ୟାଙ୍କର ସିଇଓ ରବୀନ୍ଦ୍ର ମିଶ୍ର ଆର୍ଥିକ ବର୍ଷ ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୧-୨୨ର ଆର୍ଥିକ ବର୍ଷରେ ବ୍ୟାଙ୍କର ସ୍ଥିତି ଉପରେ ଖବରଦାତାଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ କୃଷ୍ଣ ପଟ୍ଟନାୟକ, ରବିନ୍ଦ୍ର ନାଥ ପଣ୍ଡା, ଶକ୍ତେଶ୍ୱର ପାତ୍ର, ଚୌଧୁରୀ ବିଜୟ କୁମାର ପଟ୍ଟନାୟକ, ସମର ପ୍ରିୟ ତନ୍ତୀ, ବିଜୟ କୁମାର ପ୍ରଧାନ, ଶଙ୍କର ଜେନା, ଅକ୍ଷୟ ରାଉତ, ଅନ୍ତନ ଜେନା, ସନ୍ଧ୍ୟାରାଣୀ ରାଉତ, ପୂର୍ଣ୍ଣିମା କେରକେଟ୍ଟା, ରବୀନ୍ଦ୍ର ପ୍ରଧାନ, ସୁଜିତ ଦାସଙ୍କ ସମେତ ବ୍ୟାଙ୍କର କର୍ମକର୍ତ୍ତାମା ସହଯୋଗ କରିଥିଲେ। ବ୍ୟାଙ୍କର ଉପସଭାପତି ସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରସୁଗୁଡ଼ା ଡିଏଭି ସ୍କୁଲର ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା ଅଫିସ,୨୪।୧୨**

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ୨୨ତମ ବାର୍ଷିକ କ୍ରୀଡ଼ା ସରବାହାଲ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛ। ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନିର୍ଦ୍ଦେଶକ ପୱନ କୁମାର ଜୁତସୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଜିଲା କ୍ରୀଡ଼ା ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ଶିକ୍ଷାବିତ ତଥା ସମିତି ସଦସ୍ୟ ଗୌରୀ ଶଙ୍କର ରାୟ ତିୱାରୀ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅସ୍ଥି ଶଲ୍ୟ ଚିକିତ୍ସକ ଡା. ପ୍ରୀତି ରଞ୍ଜନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ମୁକ୍ତିପ୍ରସାଦ କେରକେଟା, ମାନସ ରଞ୍ଜନ ଆଚାର୍ଯ୍ୟ, ବିବେକାନନ୍ଦ ପ୍ରଧାନ, ପ୍ରକାଶ ପ୍ରଧାନ, ସଞ୍ଜୟ ରାୟ ପ୍ରମୁଖ ବିଭିନ୍ନ ପ୍ରକାର ଇଭେଣ୍ଟ ପରିଚାଳନା କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ବିଜୟ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଆଜାଦୀ ଉଦ୍ୟାନ ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୪।୧୨**

ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଉତ୍ସର୍ଗିତ ନୂତନ ଆଜାଦି ଉଦ୍ୟାନ ସେକ୍ଟର-୨୧ ସ୍ଥିତ ନୟାବଜାର ଛକରେ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଉଦ୍ୟାନକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ଚିକିତ୍ସା ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ରଥ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନଚାର୍ଜ ଏ. କେ. ବେହୁରିଆଙ୍କ ସମେତ କାରଖାନାର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉଦ୍ୟାନରେ ଦେଶର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ରହିଛି। ଏହି ଉଦ୍ୟାନ ସହରର ଅନ୍ୟତମ ପାର୍କଗୁଡିକ ମଧ୍ୟରେ ଅନ୍ୟତମ ହେବା ସହ ଇତିହାସରେ ରୁଚି ରଖୁଥିବା ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ଭୌମିକ ମତପ୍ରକାଶ କରିଥିଲେ। ଆଗାମୀ ହକି ବିଶ୍ୱକପ୍‌ର ପାଇଁ ଇସ୍ପାତ ସହର ପ୍ରସ୍ତୁତ ହେଉଥିବାରୁ ଏହାର ସ୍ୱାଗତ କରିବା ପାଇଁ ଭୌମିକଙ୍କ ଦ୍ୱାରା ଏକ ଦସ୍ତଖତ ଅଭିଯାନ ଶୁଭେଚ୍ଛା ବାର୍ତ୍ତାର ଶୁଭାରମ୍ଭ ହୋଇଥିଲା।


ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଉତ୍ସର୍ଗିତ ନୂତନ ଆଜାଦୀ ଉଦ୍ୟାନ।

# ମାଲିକଙ୍କ ଅଜାଣତରେ ଟ୍ରକ୍ ବିକ୍ରି, କବାଡ଼ିବାଲା ଗିରଫ

**ଝାରସୁଗୁଡ଼ା ଅଫିସ,/ବେଲପାହାଡ଼,୨୪।୧୨**

ମାଲିକଙ୍କୁ ନ ଜଣାଇ ଟ୍ରକ୍‌କୁ ବେଲପାହାଡର ଜଣେ ବ୍ୟକ୍ତି କବାଡି ବ୍ୟବସାୟୀଙ୍କୁ ବିକ୍ରି କରିଦେଇଥିଲେ। ଏ ନେଇ ସୁନ୍ଦରଗଡ଼ର ସମ୍ପୃକ୍ତ ଟ୍ରକ୍ ମାଲିକ ସୁକାନ୍ତ କୁମାର ଦାସ ଗତ ଜୁଲାଇ ମାସରେ ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ୧୬୧/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ୫ମାସ ପରେ ପୋଲିସ ଅଭିଯୁକ୍ତ କବାଡି ବ୍ୟବସାୟୀ ବିଜୟ ଜୟସ୍ୱାଲଙ୍କୁ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଛି। ପୋଲିସ୍ ସୂତ୍ରରୁ ପ୍ରକାଶ ସୁନ୍ଦରଗଡର ସୁକାନ୍ତଙ୍କ ନିକଟରୁ ୨ବର୍ଷ ତଳେ ବେଲପାହାଡର ଶୋଭିନ ଡିଲା ନାମକ ବ୍ୟକ୍ତି ସାଢେ ୪ଲକ୍ଷ ଟଙ୍କାରେ ଏକ ଟ୍ରକ୍ କିଣିଥିଲେ। ଶୋଭିନ ଟ୍ରକ୍ ମାଲିକଙ୍କୁ ୨ଲକ୍ଷ ଟଙ୍କା ଦେଇ ବାକି ଅଢେଇ ଲକ୍ଷ ଟଙ୍କା ପରେ ଦେବାପାଇଁ କହିଥିଲେ । ହେଲେ ପରେ ଆଉ ଟଙ୍କା ଦେଇ ନ ଥିଲେ । ଇତିମଧ୍ୟରେ ଶୋଭିନ ବକେୟା ଟଙ୍କା ନ ଦେଇ ଟ୍ରକ୍‌ଟିକୁ ୨ଲକ୍ଷ ଟଙ୍କାରେ କବାଡି ବ୍ୟବସାୟୀ ବିଜୟଙ୍କୁ ବିକ୍ରି କରିଦେଇଥିଲେ। ବିଜୟ ଉକ୍ତ ଟ୍ରକ୍‌କୁ କଟିଂ କରି ବିକ୍ରି କରିଦେଇଥିଲେ। ଏହା ଜାଣାପଡିବା ପରେ ଟ୍ରକ୍ ମାଲିକ ଦାସ ବେଲପାହାଡ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ନାମରେ କେସ ହୋଇଥିବା ଜାଣି ଶୋଭିନ ଆଗୁଆ ହାଇକୋର୍ଟରୁ ବେଲ୍‌ରେ ଆସିଥିବା ତଦନ୍ତକାରୀ ଅଫିସର ଥାନା ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି।

# ସେଞ୍ଚୁରୀ କପ୍ କ୍ରିକେଟ: ଜିମ୍‌ଖାନା ଚାମ୍ପିୟନ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ରାଉରକେଲା ଅଫିସ,୨୪।୧୨**

ରାଉରକେଲା ସେକ୍ଟର-୧୫ ସ୍ଥିତ ଟାଟା ପଡିଆରେ ୨୮ତମ ସେଞ୍ଚୁରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଅହମ୍ମଦ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ସଭାପତି ମେହମ୍ମୁଦ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ରାଉରକେଲାର ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୟାଇପି ଗୟେଲ, ପ୍ରବୀଣ ଅଗ୍ରୱାଲ, ପ୍ରଦୀପ ବଂଶଲ, ସୁଧୀର ସୁନ୍ଦର ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ହରିହର ରାଉତରାୟ, ଜୟନ୍ତୀ ଦାସ, ସୁମିତ୍ରା ସ୍ୱାଇଁ, ରମାକାନ୍ତ ରଥ, ଅବଦୁଲ କଲାମ ଆଜାଦ, ସରୋଜ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ଜିମ୍‌ଖାନା ଓ ସେକ୍ଟର-୧୪ ଆରୱାଇସିସି ମଧ୍ୟରେ ଖେଳାଯାଇଥିଲା। ଆରୱାଇସିସି ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ଜିମ୍‌ଖାନା ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୩୧୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକାଶ ଚୌଧୁରୀ ମାତ୍ର ୫୪ ବଲ ଖେଳି ସର୍ବାଧିକ ୧୨୬ ରନ ସଂଗ୍ରହ କରିଥିଲେ। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଆରୱାଇସିସି ଦଳ ୨୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୨୦୪ ରନ କରି ପରାଜିତ ହୋଇଥିଲା। ଆରୱାଇସିସି ଦଳ ପକ୍ଷରୁ ହେମନ୍ତ ନାୟକ ସର୍ବାଧିକ ୪୮ ରନ ସଂଗ୍ରହ କରିଥିଲେ। ଏହି ଟୁର୍ନାମେଣ୍ଟରେ ବିକାଶ ଚୌଧୁରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୱାଲଟର ଟପ୍ପୋଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସତନାମ ସିଂ ଓ ପ୍ରଭାକର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସଭାପତି ମେହମ୍ମୁଦ ଅହମ୍ମଦ, ଉପସଭାପତି ଚାନ୍ଦ ହୁସେନ, ଟିଫ ପାଟ୍ରନ୍ ଡ. ଅରୁଣ ନାୟକ, ନବାବ ଅଖତର, ଆଦିଲ ମେହମ୍ମୁଦ, ଲତିଫ ଖାନ, ଇସବାନ ଅଲ୍ଲୀ, ଇମ୍ରାନ ଅଲ୍ଲୀ, ପ୍ରିନ୍ସ ଅହମ୍ମଦ, ସାଜିଦ ଅନସାରୀ, ବାବର ଅଲ୍ଲୀ, ସେରିଆଲ ମିର୍ଜା ପ୍ରମୁଖ ସହଯୋଗ କରିଥିଲେ।

### ଗୋଁଣ୍ଡୱାନା ଛାତ୍ର ସଂଘର ସାମ୍ବିଧାନିକ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା ଅଫିସ,୨୪।୧୨**

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଆନୁକୂଲ୍ୟରେ ଗୋଁଣ୍ଡୱନା ଛାତ୍ର ସଂଘର ସାମ୍ବିଧାନିକ ପ୍ରଶିକ୍ଷଣ ଶିବିର ବ୍ରଜରାଜନଗର ମଣ୍ଡଳିଆସ୍ଥିତ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଜିଲାରୁ ୬ ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବଲାଙ୍ଗୀରର ପ୍ରଫେସର ଡ. କୌତୁକ ପନ୍ଦର ଓ ଛତିଶଗଡ଼ର ଜାଗତ ମର୍କାମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରକୁ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ସଭାପତି ମହେନ୍ଦ୍ର ନାଏକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ରାଜ୍ୟ ମହାସଚିବ ପ୍ୟାରୀ ମୋହନ ନାୟକ, ଝାରସୁଗୁଡ଼ା ଜିଲା ସଭାପତି ଡମ୍ବରୁଧର ନାୟକ, ମହାସଚିବ ଶ୍ୟାମଲାଲ ନାଏକ, ନୂଆପଡା ଜିଲା ସଭାପତି ପ୍ରସନ୍ନ କୁମାର ମାଝି, ସମ୍ବଲପୁର ଜିଲା ସଭାପତି ଯୋଗେଶ୍ୱର ପଟ୍ଟା, ବଲାଙ୍ଗୀର ଜିଲା ମହାସଚିବ ରାମଚନ୍ଦ୍ର ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ହୋମିଓପାଥିକ ସେମିନାର ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୨୪।୧୨**

ଝାରସୁଗୁଡାରେ ଜେଡିଏସ୍ ହୋମିଓପାଥିକ ହସ୍ପିଟାଲ ତରଫରୁ ୨ଦିନିଆ ଜାତୀୟ ସେମିନାର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡିଶା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ, ବିହାର ଆଦି ରାଜ୍ୟର ଶତାଧିକ ହୋମିଓପାଥିକ ଡାକ୍ତର ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭିଏସ୍‌ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ପବନ ଜୁତ୍ସି ମୁଖ୍ୟଅତିଥି, ଆଗ୍ରାର ନାଇମିନାଥ ମେଡିକାଲ୍ କଲେଜ ତଥା ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଗୁପ୍ତା ମୁଖ୍ୟବକ୍ତା ଓ ରାଉରକେଲା ଉତ୍କଳମଣି ହୋମିଓପାଥିକ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ, ଜେଡିଏସ୍ ହୋମିଓପାଥିକ ହସ୍ପିଟାଲ୍ ନିର୍ଦ୍ଦେଶକ ଡ. ଦେଓସ୍ଲୋକ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଡୋଲାମଣି ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ସହାୟତା ଅପେକ୍ଷାରେ ଶଯ୍ୟାଶାୟୀ ବଳରାମ

**ସମ୍ବଲପୁର,୨୪।୧୨(ବ୍ୟୁରୋ)**

ପ୍ରାୟ ଏକମାସ ହେଲା ଶଯ୍ୟାଶାୟୀ ଅଛନ୍ତି। ସମ୍ପର୍କୀୟ କିଛି ଦେଲେ ଖାଉଛନ୍ତି ନ ହେଲେ ଭୋକରେ ଦିନ କଟୁଛି। ଔଷଧ ଖାଇଲେ ବି ରୋଗରୁ ମୁକୁଳି ପାରୁନାହାନ୍ତି। ଏଭଳି ଭାବେ ଜୀବନ ସହ ସଂଗ୍ରାମ କରୁଛନ୍ତି ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତର ମୂଳବାସିନ୍ଦା ତଥା ଝରଣପଡ଼ାରେ ରହୁଥିବା ବଳରାମ ମିର୍ଦ୍ଧା। ବଳରାମ ଏବେ ଯକ୍ଷ୍ମା ରୋଗରେ ପୀଡିତ। ପରିବାର ସଦସ୍ୟ ପାଖରେ ନ ଥିବାରୁ ଠିକ୍ ଭାବେ ସେବାଯତ୍ନ ପାଇପାରୁ ନାହାନ୍ତି। ମିଳିଥିବା ସୂଚନା ମୁତାବକ ବଳରାମ ବିବାହିତ। ବହୁବର୍ଷ ଆଗରୁ ପାରିବାରିକ ଗଣ୍ଡଗୋଳ ଯୋଗୁ ସ୍ତ୍ରୀ ଓ ପିଲାମାନେ


ଶଯ୍ୟାଶାୟୀ ବଳରାମ ।

ଛାଡି ଚାଲିଯାଇଥିଲେ। ବଳବୟସ ଥିବା ସମୟରେ କିଛି ରୋଜଗାର କରି ଚଳୁଥିଲେ। ହେଲେ ଦୁଇବର୍ଷ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଡାକ୍ତରଙ୍କ ସହ ପରାମର୍ଶ ପରେ ତାଙ୍କୁ ଯକ୍ଷ୍ମାରୋଗ ହୋଇଥିବା ଜଣାପଡିଥିଲା। ପରେ ସେ ଔଷଧ ଖାଇବା ଆରମ୍ଭ କରିଥିଲେ। ହେଲେ କିଛିମାସ ଔଷଧ ନ ଖାଇବାରୁ ଏବେ ପୁଣି ଗୁରୁତର ହୋଇପଡିଛନ୍ତି। ଡାକ୍ତରଖାନାକୁ ଯିବା ପରେ ଯକ୍ଷ୍ମାରୋଗ ଠିକ ହୋଇ ନ ଥିବା ଜାଣି ଔଷଧ ଖାଇବା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସୁ ନ ଥିବାରୁ ଶଯ୍ୟାଶାୟୀ ହୋଇ ରହିଛନ୍ତି। ବଳରାମଙ୍କ ପୁତୁରା ଅଜିତ କହିଛନ୍ତି, ଔଷଧ ଖାଉଥିଲେ ବି ଆବଶ୍ୟକ ଅନୁସାରେ ସେବା ସୁଶ୍ରୁଶା ପାଇପାରୁ ନାହାନ୍ତି। ତେଣୁ ସରକାରୀ ସ୍ତରରେ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଗଲେ ଠିକ ହୋଇଯିବା ଆଶା ରହୁଛି। କୌଣସି ସାମାଜିକ ଅନୁଷ୍ଠାନ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

**ତୃତୀୟ ସନ୍ଧ୍ୟାରେ କଂସଙ୍କ ଅଷ୍ଟମଲ୍ଲ ଆହ୍ୱାନ ଓ ପ୍ରେରଣ**

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଦଣ୍ଡପାଟ ବେହେରା ଗ୍ରାମର ହାଇସ୍କୁଲ ପଡିଆରେ ଚାଲିଥିବା ୫ମ ଧନୁଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବାଳିକାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା । ଏହାଛଡା ମହାରାଜ କଂସ ପୁତନା ବଧ ପରେ ଅଷ୍ଟମଲ୍ଲକୁ ଆହ୍ୱାନ କରି ଗୋପପୁରରେ ବଢୁଥିବା କୃଷ୍ଣଙ୍କୁ ବଧ କରିବା ପାଇଁ ପ୍ରେରଣ କରିଥିଲେ । ପ୍ରବଳ ଥଣ୍ଡାରେ ମଧ ହଜାର ହଜାର ଦର୍ଶକ ଯାତ୍ରାର ମଜା ନେଇଥିଲେ ।

## ସଂକ୍ଷେପରେ

### ଘରୋଇ ବସ ମାଲିକ ସଂଘର ନୂତନ କାର୍ଯ୍ୟକର୍ତ୍ତା

**ବଲାଙ୍ଗୀର ଅଫିସ,୨୪।୧୨:** ବଲାଙ୍ଗୀର ଜିଲା ଘରୋଇ ବସ ମାଲିକ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସଂଘ ସଭାପତି ଭାବେ ଦୁର୍ଗା ଚରଣ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆଜି ନିର୍ବାଚନରେ ଚଗଲା ପରିଚ୍ଛା ଉପସଭାପତି, ପ୍ରଦ୍ୟୁତ କୁମାର ମିଶ୍ର ସମ୍ପାଦକ, ଶଙ୍କର ପଟ୍ଟନାୟକ ସହସମ୍ପାଦକ, ମାନସ ନାଏକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଭବାନୀ ଶଙ୍କର ପଟେଲ, ଚନ୍ଦ୍ରମଣି ତ୍ରିପାଠୀ, ପାରିସ କୁମାର ପଟେଲ, ଶିବ ନାରାୟଣ ଟାଲି, ଜ୍ୟୋତି ପ୍ରକାଶ କୁମାର, ସୁରେଶ ହରିପାଲ, ସାହିଲ ପାଣିଗ୍ରାହୀ, ପଞ୍ଚାନନ ଆଚାର୍ଯ୍ୟ, ସଞ୍ଜୀବ କୁମାର ପଣ୍ଡା, ପ୍ରାଣନାଥ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ସତ୍ୟ ପ୍ରକାଶ ପତି ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ତ୍ରିବିକ୍ରମ ଦାଶ ଓ ସହନିର୍ବାଚନ ଅଧିକାରୀ ଭାବେ ଅରୁଣ କୁମାର ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ।

### କୋକସରା ଓ କାଉଡୋଲା ମଣ୍ଡି ପରିଦର୍ଶନ କଲେ ବିଧାୟକ

**କୋକସରା,୨୪।୧୨(ଡି.ଏନ.ଏ.):** ଧର୍ମଗଡ଼ ବିଧାୟକ ମୌଷଧି ବାଗ ଶନିବାର କୋକସରା ଓ କାଉଡୋଲା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ଆମପାଣି ପାକ୍ସ କାଉଡୋଲା ମଣ୍ଡି ପରିଦର୍ଶନ ସମୟରେ ବିଧାୟକ ଆଲୋଚନା କରିଥିଲେ। ଏହି ସମୟରେ ଆମପାଣି ପାକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, ଡିଇଓ, ସ୍ଥାନୀୟ ଚାଷୀ ଶଶାଙ୍କ ପୁରୋହିତ, ଭିକାରୀ ମାଝୀ, ପାକ୍ସ, ଆରଏମସି କର୍ମଚାରୀ ଉପସ୍ଥିତ ରହିଥିଲେ । ସେହିପରି କୋକସରା ମଣ୍ଡି ପରିଦର୍ଶନ କରି ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରିକୁ ନେଇ ପଚାରି ବୁଝିଛନ୍ତି। ଏହି ସମୟରେ କୋକସରା ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଚାଷୀ ବିଜୟ କୁମାର ସାହୁ, ଚନ୍ଦ୍ରଭାନୁ ସୁନା, ପାକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ, ମହିଳା ଚାଷୀ, ପାକ୍ସ ଓ ଆରଏମସି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଚାଷୀଙ୍କ ଧାନ ୨୪ ଘଣ୍ଟା ମଧରେ କ୍ରୟ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବଲାଙ୍ଗୀର ଓକିଲ ସଂଘର କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୨୪।୧୨:** ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍‌ରେ ବଲାଙ୍ଗୀର ଜିଲା ଓକିଲ ସଂଘ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ଓକିଲ ସଂଘ ସଭ୍ୟମାନଙ୍କ ବିରୋଧରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରାଯାଇଥିଲା। ଗତ ଡିସେମ୍ବର ୧୨ରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନକୁ କେନ୍ଦ୍ର କରି ସମ୍ବଲପୁର କୋର୍ଟ ପରିସରରେ ଘଟିଥିବା ଅପ୍ରୀତିକର ଘଟଣାର ପ୍ରକୃତ ଅନୁସନ୍ଧାନ ନ କରି ପୋଲିସ ଘଟଣାରେ ସମ୍ପୃକ୍ତ ନ ଥିବା ସମ୍ବଲପୁର ଜିଲା ଓକିଲ ସଂଘର କେତେକ ଓକିଲଙ୍କୁ ମାଡ ମାରିଥିବା କୁହାଯାଇଥିଲା। ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ହକ୍ ପାଇଁ ଲଢ଼େଇ କରୁଥିବା ଓକିଲମାନଙ୍କ ଆନ୍ଦୋଳନକୁ ଦମନ କରାଯିବାର ଏକ ହୀନ ପ୍ରୟାସ କରାଯାଇଛି। ପୋଲିସ ମାଡର ଶିକାର ହୋଇଥିବା ନିରୀହ ଓକିଲମାନଙ୍କ ପ୍ରତି ବଲାଙ୍ଗୀର ଜିଲା ଓକିଲ ସଂଘ ସମବେଦନା ଜଣାଇଛି ବୋଲି କୁହାଯାଇଥିଲା। ସୁପ୍ରିମକୋର୍ଟର ରାୟ ପ୍ରତି ଯଥେଷ୍ଟ ଆସ୍ଥା ଓ ସମ୍ମାନ ରହିଛି ବୋଲି ଜିଲା ଓକିଲ ସଂଘ ପକ୍ଷରୁ କୁହାଯାଇଛି । ପୋଲିସ ଘଟଣାର ପ୍ରକୃତ ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ବଲାଙ୍ଗୀର ଜିଲା ଓକିଲ ସଂଘ ଦାବି କରିଛି।

# ହାତୀ ଉପଦ୍ରବ: ବ୍ୟାପକ ଧାନ ଫସଲ ନଷ୍ଟ

**ଲାଞ୍ଜିଗଡ,୨୪।୧୨(ଡି.ଏନ.ଏ.)**


ହାତୀ ପଲ ନଷ୍ଟ କରିଥିବା ଧାନ ଫସଲ ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ରେଞ୍ଜ ଲାଞ୍ଜିଗଡ ସେକ୍ସନର ତ୍ରିଲୋଚନପୁର ଅଞ୍ଚଳରେ ହାତୀ ଉପଦ୍ରବ ବଢିବାରେ ଲାଗିଛି। ଆଜିକୁ ୫ ଦିନ ହେଲା ହାତୀପଲ ଜନବସତି ମୁହାଁ ହୋଇଥିବା ଜଣାପଡିଛି। ଶୁକ୍ରବାର ରାତିରେ ନିୟମଗିରି ପାଦଦେଶରେ ଥିବା ପାତର ଜଙ୍ଗଲରୁ ଏକ ୫ ଟିକିଆ ହାତୀପଲ ବାହାରି ତ୍ରିଲୋଚନପୁର ପଞ୍ଚାୟତର ଗଡଡ଼ ଥୁଆଗୁଡା ଗାଁ ଆଡକୁ ଚାଲି ଆସି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି । ପ୍ରଥମେ ଏହି ଗାଁର ପ୍ରସାଦ ଗଉଡ଼ଙ୍କ ଜମିରେ ହାତୀପଲ ପଶି କଟା ଯାଇଥିବା ଧାନକୁ ଦଳିଚକଟି ନଷ୍ଟ କରି ଦେଇଥିଲା। ଏହାପରେ ଗାଁର ସୀମାଞ୍ଚଳ ଗଉଡ଼ଙ୍କ ୧ ଏକର ଅମଳ ଧାନ ଫସଲକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଥିଲା। ସୀମାଞ୍ଚଳ ଧାନ ଘରକୁ ଆଣିବା ପୂର୍ବରୁ ହାତୀପଲ ସବୁତକ ଉଜାଡି ଦେଇଛନ୍ତି। ଧାର ଉଧାର କରି ଚାଷ କରିଥିବା ବେଳେ ହାତୀ ଫସଲ ନଷ୍ଟ କରିଦେବାରୁ ପରିବାର କେମିତି ଚଳାଇବେ ସେନେଇ ସୀମାଞ୍ଚଳ ଚିନ୍ତାରେ ଅଛନ୍ତି। ସେହିପରି ଗାଁର କାଳିଆ ଗଉଡ଼ଙ୍କ ଦେଢ଼ ଏକର ଜମିର ଧାନ ଫସଲ ନଷ୍ଟ କରିଛନ୍ତି । ହାତୀପଲ ପାତର ଜଙ୍ଗଲରେ ରହିଥିବା ବେଳେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀ ବାରମ୍ବାର ଫସଲ ନଷ୍ଟ କରୁଥିବାରୁ ଚାଷୀ ମହଲରେ ଭାଳେଣି ପଡିଯାଇଛି। ଫସଲ ନଷ୍ଟ ନେଇ ଅଭିଯୋଗ ପାଇବା ପରେ ଲାଞ୍ଜିଗଡ ବନ ବିଭାଗ ପକ୍ଷରୁ ଲାଞ୍ଜିଗଡ଼ ଫରେଷ୍ଟ ଗାର୍ଡ ବିରଞ୍ଚି ନାରାୟଣ ପଣ୍ଡା,ସାଣ୍ଡରୁ ମାଝୀ, ସୁଶାନ୍ତ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

# କୋକସରା ଡିଗ୍ରୀ କଲେଜର ଅଧ୍ୟାପକ ସମ୍ମାନିତ



ଅଧ୍ୟାପକ ଅଇରୀ ନାଶନ ଚିନ୍ଦାଙ୍କୁ ସମ୍ମାନିତ କରାଯାଉଛି ।

**କୋକସରା,୨୪।୧୨(ଡି.ଏନ.ଏ.)**

**ଜାତୀୟ ସେବା ଯୋଜନା ସମୀକ୍ଷା ବୈଠକ**

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ମାଣିକ୍ୟ ବିହାର ପକ୍ଷରୁ ଶନିବାର ଭବାନୀପାଟଣାଠାରେ ଜାତୀୟ ସେବା ଯୋଜନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ ପରାମର୍ଶଦାତା ତଥା ଅଧ୍ୟାପକ ଅଇରୀ ନାଶନ ଚିନ୍ଦାଙ୍କୁ ୨୦୨୧-୨୨ ବର୍ଷ ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଡ଼.ସଞ୍ଜୟ କୁମାର ଶତପଥୀଙ୍କ ଦ୍ୱାରା ବେଷ୍ଟ ଏନଏସଏସ ପୋଗ୍ରାମ ଅଫିସର ଭାବେ ସମ୍ମାନିତ କରାଯାଇଛି। ଅଧ୍ୟାପକ ଏନଏସଏସ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତାର ସହ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନକୁ ନେଇ ତାଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପିଜି କାଉନସିଲ ଅଧକ୍ଷ ଡ଼. ଜୟଦେବ ସାହୁ, ଏନଏସଏସ ସଂଯୋଜକ କଳାହାଣ୍ଡି ଚିତ୍ତରଞ୍ଜନ ଖୁଣ୍ଟିଆ, ଏନଏସଏସ ଜିଲା କାର୍ଯ୍ୟକାରୀ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ, ସନ୍ତୋଷ କୁମାର ମୁଣ୍ଡ ଉପସ୍ଥିତ ରହିଥିଲେ।

# ‘ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଏକମାତ୍ର ବିକଳ୍ପ’

**ବଲାଙ୍ଗୀର ଅଫିସ, ୨୪।୧୨**

ଆଇନଜୀବୀ ଆନ୍ଦୋଳନ ଓ ହାଇକୋର୍ଟ ବେଞ୍ଚ ଦାବିକୁ ନେଇ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ଦୀର୍ଘ ୬୩ ବର୍ଷର ଦାବି ଏବଂ ଦୁଇ ଦଶନ୍ଧିର ହାଇକୋର୍ଟ ବେଞ୍ଚଆନ୍ଦୋଳନକୁ ଧକ୍କା ଦେଇଛି। ଆଇନଜୀବୀଙ୍କ ଗିରଫଦାରୀ ଏବଂ ଲାଇସେନ୍ସ ରଦ୍ଦ ଘଟଣା ସମଗ୍ର ଆଇନଜୀବୀ ଗୋଷ୍ଠୀ ଏବଂ କୋସଲାଞ୍ଚଳ ଜନସାଧାରଣଙ୍କୁ ଆହତ କରିଛି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କେବଳ ଆଇନଜୀବୀ ମାନଙ୍କ ନ ଥିଲା, ଏହା କୋସଲାଞ୍ଚଳର ୨.୫ କୋଟି ଜନସାଧାରଣ ଓ ଆଇନ ଆଶ୍ରିତ ସାଧାରଣ ଜନତାଙ୍କ ଦାବି ଥିଲା। ଏବେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପରିହାର କରି କିଭଳି ହାଇକୋର୍ଟ ପ୍ରତିଷ୍ଠା ହୋଇପାରିବ ସେଭଳି ପଦକ୍ଷେପ ନେବାର ସମୟ ଆସିଛି। ଏଦିଗରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଏକମାତ୍ର ବିକଳ୍ପ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ସେ କହିଥିଲେ ଯେ, ହାଇକୋର୍ଟ ବେଞ୍ଚପ୍ରତିଷ୍ଠା ସରକାରଙ୍କ କାମ। ଦାବିର ତାର୍କିକ ନ୍ୟାୟସଙ୍ଗତ ଯୁକ୍ତିକୁ ଗ୍ରହଣ କରି ରାଜ୍ୟ ସରକାର ଦୁଇ ଦୁଇଥର ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ପତ୍ରାଳାପ କରିଥିଲେ। କେନ୍ଦ୍ର ସରକାର ମଧ ଦୁଇଥର ସ୍ଥାନ ନିରୂପଣ ପାଇଁ ପତ୍ରାଳାପ କରିଥିଲେ। ଏଥିପାଇଁ ରାଜ୍ୟ ସରକାର ଏକ ପାଲ୍ କମିଶନ ମଧ ଗଠନ କରିଥିଲେ। କିନ୍ତୁ ବୋଧହୁଏ ଏ ସମସ୍ତ ତଥ୍ୟ ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ଠିକ୍ ରୂପେ ଉପସ୍ଥାପିତ ହୋଇପାରିଲା ନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ପାଇଁ ସମ୍ମିଳିତ ଲଢ଼େଇ କରିବା ଛଡ଼ା ଏ ଅଞ୍ଚଳର ଅନ୍ୟଗତି ନାହିଁ। ତେଣୁ ହାଇକୋର୍ଟ ବେଞ୍ଚ ପାଇଁ ଲଢୁଥିବା ବାର ଆସୋସିଏସନ୍ ଓ ସିଏସି ସମ୍ମିଳିତ ଭାବରେ ସ୍ୱତନ୍ତ୍ର କୋସଲ ପ୍ରଦେଶ ପାଇଁ ଲଢ଼େଇ କରିବା ଆବଶ୍ୟକ। କାରଣ ବେଞ୍ଚ ନୁହେଁ ସ୍ୱତନ୍ତ୍ର ରାଜ୍ୟ ଗଠନ ହେଲେ ଏ ଅଞ୍ଚଳରେ ପୂର୍ଣ୍ଣାଙ୍ଗ ହାଇକୋର୍ଟ ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅବଦୁଲ ଜମାଲ ଖାନ୍, ରବି ମିଶ୍ର ଶରତ ହୋତା, ବିଭୂଦତ୍ତ ମିଶ୍ର ଓ ରଣରାଜ ସିଂଦେଓ ଉପସ୍ଥିତ ଥିଲେ।

# କଳାକାର ସଂଘ ସାଧାରଣ ପରିଷଦ ବୈଠକ

**ମୁରିବାହାଲ, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଳାକାର ସଂଘର ସାଧାରଣ ପରିଷଦ ବୈଠକ ଶନିବାର ସ୍ଥାନୀୟ ଯାଦବ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କଳାକାର ସଂଘ ସଭାପତି କୈଳାସ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏମ୍‌ପି ପ୍ରତିନିଧି ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାକାର ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଉପଲବ୍ଧ କରାଇବା, ସର୍ବୋପରି କଳାକାରମାନଙ୍କର ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଡା, ବିଶିଷ୍ଟ କଳାକାର ଚିତ୍ରସେନ ଦାଶ, ମନବୋଧ ବାଗ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ମୁରିବାହାଲ ବ୍ଲକସ୍ତରୀୟ କଳାକାରଙ୍କୁ ନେଇ ଏକ ମହୋତ୍ସବ କରାଯିବ ବୋଲି କହିଥିଲେ। ଏହି ଅବସରରେ ବ୍ଲକ କଳାକାର ସଂଘର ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। କୈଳାସ ଦଣ୍ଡସେନା ସଭାପତି, ଗଙ୍ଗାଧର ହେର୍ଣ୍ଡା କାର୍ଯ୍ୟକାରୀ ସଭାପତି, ଉପସଭାପତି ଭାବେ ସୁରେନ୍ଦ୍ର ପସାୟତ, ଟିକେଶ୍ୱର ସରାଫ ଓ ଟଙ୍କଧର ବାଗ, ସାଧାରଣ ସମ୍ପାଦକ ଠିବୁ ବାଗ, ସମ୍ପାଦକ ଚନ୍ଦ୍ରହାସ୍ୟ ବାଗ, ଗୋପାଳ ସିଂ ଭୋଇ ଓ ଗୌତମ ସାହୁ, କୋଷାଧକ୍ଷ ସୁଦର୍ଶନ ମହାକୁର, ସଂଯୋଜକ ଦୁକ୍ଷିମଣି ପ୍ରଧନୀ ଓ ଦୟନୀୟ ବାଗଙ୍କୁ ଆବାହକଭବେ ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ମନୋନୀତ କରାଯାଇଛି।

# ଧ୍ରୁବାନନ୍ଦ କଲେଜର ବାର୍ଷିକ କ୍ରୀଡା

**ଦେଓଗାଁ, ୨୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଡୁର୍ଲା ଧ୍ରୁବାନନ୍ଦ କଲେଜରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି।ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ତେଜ ହରପାଲ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବାଳକ ଓ ବାଳିକାମାନଙ୍କୁ ନେଇ ଦୌଡ ପ୍ରତିଯୋଗୀତା, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟପୁଟ ଥ୍ରୋ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ବିଭାଗରେ ଯୁଗେଶ୍ୱର ବକୁଳ ଓ ବାଳିକା ବିଭାଗରେ ମାନସୀପ୍ରଭା ବାଗ ଚାମ୍ପିୟନ ହୋଇଥିଲେ। କ୍ରିଡା ପ୍ରତିଯୋଗୀତାକୁ ଖେଳଶିକ୍ଷକ ସରୋଜ କୁମାର ନାୟକ ପରିଚାଳନା କରିଥିଲେ। ସେହିପରି ଜରାସିଂହା ପବ୍ଲିକ ସ୍କୁଲରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଦେବପ୍ରସାଦ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ କୁଶମଣୀ ମେହେର, ଏବିଇଓ ଅଜିତ କୁମାର ମିଶ୍ର, ଅଧକ୍ଷା ଚପଳା ଆଚାର୍ଯ୍ୟ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ଥନାପତି ଓ ପୁଷ୍ପାଞ୍ଜଳୀ କିଷାନ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଉପକନିଷ୍ଠ ବର୍ଗରେ ମୋହିତ ଧରୁଆ, କନିଷ୍ଠ ବର୍ଗରେ ଆରାଧ୍ୟା ମେହେର, ଉପ ବରିଷ୍ଠ ବର୍ଗରେ ଶୁଭଶ୍ରୀ କୁଅଁର ଓ ବରିଷ୍ଠ ବର୍ଗରେ ପ୍ରତିକ୍ଷା ଷଡଙ୍ଗୀ ପୁରସ୍କୃତ ହୋଇଥିଲେ ।

# ସେଫ୍ଟି ଟ୍ରେନିଂ ଓ ରେସ କ୍ୟୁ ଭ୍ୟାନ୍ ଶୁଭାରମ୍ଭ କଲେ ଜିଲାପାଳ

**ଭବାନୀପାଟଣା,୨୪।୧୨(ସ୍ୱ.ପ୍ର.)**



ଭ୍ୟାନ୍ ଶୁଭାରମ୍ଭ ସମୟରେ ଜିଲାପାଳ ଓ ଅନ୍ୟମାନେ ।

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏକ ହୋଟେଲ ପରିସରରେ ଲାଞ୍ଜିଗଡ ବେଦାନ୍ତ ଆଲୁମିନା କମ୍ପାନୀ ପକ୍ଷରୁ ଜନହିତକର କାର୍ଯ୍ୟ ପାଇଁ ଆସିଥିବା ଏକ ସେଫ୍ଟି ଟ୍ରେନିଂ ଓ ରେସକ୍ୟୁ ଭ୍ୟାନ୍‌କୁ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉପରୋକ୍ତ ୨ଟି ଭ୍ୟାନ୍ ପ୍ରଥମେ ଲାଞ୍ଜିଗଡ ବ୍ଲକ ଅଞ୍ଚଳ ଓ ପରେ ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିବ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି, ବେଦାନ୍ତ ଆଲୁମିନା କମ୍ପାନୀର ଡେପୁଟି ସିଇଓ ଜିଜି ପଲ,ସିଏସଆର ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ଏଚଏସ୍‌ସି ମୁଖ୍ୟ ହର୍ଷବର୍ଦ୍ଧନ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟ ଷଡଙ୍ଗୀ, ଶ୍ରେୟା ଗୁପ୍ତା,ରିସଭ ଗର୍ଗ ପରିଚାଳନା କରିଥିଲେ।

# ବୁଢ଼ାଡଙ୍ଗର ମହୋତ୍ସବ ଉପଲକ୍ଷେ ମଶାଲ ଯାତ୍ରା


ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ମଶାଲ ଯାତ୍ରା ।

**କେସିଙ୍ଗା,୨୪।୧୨(ଡି.ଏନ.ଏ.)**

**ଆଦିବାସୀ ନୃତ୍ୟରେ ଦୁଲୁକିଲା କେସିଙ୍ଗା ସହର**

କଳାହାଣ୍ଡି ଜିଲା କେସିଙ୍ଗାର ଜଣାଶୁଣା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ ବୁଢ଼ାଡଙ୍ଗର ମହୋତ୍ସବ ପାଳନ କରାଯାଉଛି। ପୂର୍ବାହ୍ନରେ ବୁଢ଼ାଡଙ୍ଗର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଶାଲ ଯାତ୍ରା ବାହାରି ଥିଲା। କେସିଙ୍ଗା ଏନଏସିର ଅଧକ୍ଷ ନୃପରାଜ ଯାଦବ ମଶାଲରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆଦିବାସୀ ନୃତ୍ୟ ଓ ବିଭିନ୍ନ ବାଦ୍ୟର ତାଳେ ତାଳେ ଏଡି ମଶାଲ ଯାତ୍ରା ମନ୍ଦିରଠାରୁ ବାହାରି ଥାନା ଛକ ଯାଏ ଯାଇ ସହର ପରିକ୍ରମା କରିଥିଲା। ପରେ ଜଗନ୍ନାଥପଡାସ୍ଥିତ ଲୋକ ମହୋତ୍ସବ ମଞ୍ଚରେ ମଶାଲ ସ୍ଥାପନ କରାଯାଇ ମଞ୍ଚ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ପୂର୍ବାହ୍ନ ୧୦ଟାରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଏନଏସିର ନିର୍ବାହୀ ଅଧିକାରିଣୀ କରଣ ବେହେରା ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ଚିତ୍ରକଳା ପ୍ରଦର୍ଶନୀ ଓ ସୁର ସଙ୍ଗୀତ କାର୍ଯ୍ୟକ୍ରମକୁ ଏମ.ଏସ.ଏ.ର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତର ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅକ୍ଷୟ କୁମାର ଦାସ, ଏନଏସିର ଉପାଧକ୍ଷ ସରସ୍ୱତୀ ସାହା ସମେତ ସମସ୍ତ କାଉନସିଲର, ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

**ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା**

# ପ୍ରଦର୍ଶିତ ହେଲା ନାଟକ ବିଷକନ୍ୟା


ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିଗଣ ।

**ଭବାନୀପାଟଣା,୨୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି କଳାକାର ସଂଘ ଭବାନୀପାଟଣା ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା "୧୨ତମ ଜାତୀୟ ନାଟକ ମହୋତ୍ସବ - ୨୦୨୨ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ସନ୍ଧ୍ୟାରେ ଅନୁଷ୍ଠାନର ଅଧକ୍ଷ ଅବଦୁଲ କାଦିରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୂର୍ବତନ ବିଧାୟକ ଅନାମ ନାଏକ ଯୋଗ ଦେଇଥିଲେ । ଅତିଥି ଭାବେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ବି.ସି.ସି.ବି ସଭାପତି ଗିରିଶ ଚନ୍ଦ୍ର ବେହେରା, ବରିଷ୍ଠ ଅଭିନେତା ଅଶୋକ କୁମାର ପାତ୍ର, ଅଜୟ ମିଶ୍ର, ଡ. ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ପ୍ରଥମେ ପ୍ରଦର୍ଶିତ ହୋଇଥିଲା ନାଟକ ବିଷକନ୍ୟା। ଭୁବନେଶ୍ୱର ଉତ୍କଳ ନାଟ୍ୟମ ଅନୁଷ୍ଠାନ ଦ୍ୱାରା ପରିବେଷିତ ଏହି ନାଟକକୁ ନାଟ୍ୟକାର ସୁବାଷ ଚନ୍ଦ୍ର ପଣ୍ଡା ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଦ୍ୱିତୀୟରେ ପ୍ରଦର୍ଶିତ ହୋଇଥିଲା ନାଟକ ଉଲଟା ଭାରତ। ସୁବର୍ଣ୍ଣପୁରର ନାଟ ଅନୁଷ୍ଠାନ ଦ୍ୱାରା ପରିବେଷିତ ଏହି ନାଟକକୁ ନାଟ୍ୟକାର ପ୍ରଦ୍ୟୁମ୍ନ ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଉଭୟ ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସମ୍ପାଦକ ରିୟାଜ ଖାନ, ରଣଜିତ ସିଂ, ପ୍ରଦୀପ ଡି. ମାଝୀ, ଭୀମସେନ ସାହୁ, ଅବଦୁଲ୍ଲା ଖାନ, ଆଲୋକ କୁମାର ସାହୁ, ବାବୁଲାଲ ଶର୍ମା, ସତ୍ୟନାରାୟଣ ମିଶ୍ର,ଶେଷଦେବ ମିଶ୍ର ପ୍ରମୁଖ ସହାୟତା କରିଥିଲେ।

# ପ୍ରଶାସନିକ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ

**ଭବାନୀପାଟଣା,୨୪।୧୨(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କ୍ରୀଡା ପଡ଼ିଆରେ ଶନିବାର ଦ୍ୱିତୀୟ ପ୍ରଶାସନିକ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଭବାନୀପାଟଣା ବ୍ଲକ ପ୍ରଶାସନ ମଧରେ ଅନୁଷ୍ଠିତ ହୋଇଥିଲା।


ଉଦ୍‌ଘାଟନୀ ମ୍ୟାଚରେ ବିଜୟୀ ଦଳ ସହ ଅତିଥିଗଣ ।

ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଜୟୀ ହୋଇଥିଲା। ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ,ଟିକିରି ଉତ୍କଳ ଆଲୁମିନା ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଜିଲା ଓ ଦୌରା ଜଜ୍ ଦୀପ୍ତି ରଞ୍ଜନ କାନୁନଗୋ, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ବେଦାନ୍ତ ଡେପୁଟି ସିଇଓ ଜି ଜି ପଲ, ପିଡ଼ି ଡିଆରଡିଏ ସଚିନ ପାୱାର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ସି ଆର୍ ପି ଏଫ କମାଣ୍ଡାଣ୍ଟ ଅମର ସିଂ ପ୍ରମୁଖ ଯୋଗଦେଇଥିଲେ। ସରକାରୀ କର୍ମଚାରୀମାନଙ୍କୁ ନୂତନ ବର୍ଷରେ ନୂଆ ଉତ୍ସାହ ବଢାଇବା ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏହି ଟୁର୍ନାମେଣ୍ଟ ତିନୋଟି ପଡିଆରେ ଅନୁଷ୍ଠିତ ହେଉଛି। ସେଗୁଡିକ ହେଲା କଳାହାଣ୍ଡି ବିଶ୍ୱବିଦ୍ୟାଳୟ,ବିକାଶ ଶିକ୍ଷାନୁଷ୍ଠାନ ଓ ରିଜର୍ଭ ପୋଲିସ ପଡିଆ। ୧୦ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ମୋଟ ୨୫ଟି ଦଳ ଭାଗ ନେଉଛନ୍ତି। ଟୁର୍ନାମେଣ୍ଟରେ ଡିଏସଓ ମହେଶ ପାଢ଼ୀ,ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ଅଂଶୁମାନ ବାବୁ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ ପ୍ରସନ୍ନ ମେହେର, ମନୋଜ ବେହେରା, ସିପୁନ ପ୍ରଧାନ ଓ ଅଭିଲାଷ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ଖାଉଟି ଦିବସରେ ସଚେତନତା ଶୋଭାଯାତ୍ରା

**ଭବାନୀପାଟଣା,୨୪।୧୨(ସ୍ୱ.ପ୍ର.)**



ଜାତୀୟ ଖାଉଟି ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଅତିଥିମାନେ ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଉପଭୋକ୍ତା ସୁରକ୍ଷା ସମିତି ନେତୃତ୍ୱରେ ସ୍ଥାନୀୟ ଛାତ୍ରୀଛାତ୍ର, ପଞ୍ଚାୟତ ପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ପରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ସମ୍ମାନିତ ଅତିଥି ଭାବେ ଜିଲା ଆଇନ ସେବା ଅଧିକାରୀ ଶୁଭମ ଗୌତମ ମିଶ୍ର, ଜିଲା ଖାଉଟି ଅଧିକାରୀ ପବିତ୍ର ସାହୁ ଯୋଗଦେଇ ଖାଉଟି ସଚେତନତା ଅଭିଭାଷଣ ପ୍ରଦାନ କରିଥିଲେ। ଉପଭୋକ୍ତା କୋର୍ଟରେ ଖାଉଟି ମାମଲାଗୁଡିକର ସମାଧାନ କିପରି ଉପଭୋକ୍ତା ସୁରକ୍ଷା ଆଇନ ମାଧ୍ୟମରେ ହୋଇପାରିବ ସେ ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ଖାଉଟି ସୁରକ୍ଷା ସମିତିର ସକ୍ରିୟ ଭବାନୀ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ସୁରକ୍ଷା ସମିତିର ସଭ୍ୟ ସଚ୍ଚିଦାନନ୍ଦ ମହାଖୁଡ଼, ଉଚ୍ଛବ ସାହୁ, ସେନାପତି ନାଏକ, ବିଜୟ ମାଝୀ, ରାଜକୁମାର ସିଂଦେଓ, ଦିଲୀପ ପଟ୍ଟନାୟକ,ଏନସିସି ଅଧିକାରୀ ରବି କାନୁନଗୋ, ମାପ ଓଜନ ଅଧିକାରୀ ଭୋଇ ବାବୁ, ଜୁନାଗଡ଼ ଆମ୍ବା ଅଧକ୍ଷ ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକ,ଦୁଆରସୁନି ସରପଞ୍ଚ କୈଳାଶ ନାଏକ, ସିରପୁର ସରପଞ୍ଚ, ଯୁଧିଷ୍ଠିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ବିକାଶ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ବନଭିହାର

ବିନିକା,(ଡି.ଏନ.ଏ.): ବିନିକା ପାପକ୍ଷୟଠାରେ ବିନିକା ଶିଶୁ ବିକାଶ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ବାର୍ଷିକ ବନଭିହାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଚିତ୍ରସେନ ମେହେର ଓ ସମ୍ପାଦକ ସର୍ବେଶର ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ସୃଜନ କୁମାର ପଣ୍ଡା, ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ଏନଏସି ନଗରପାଳ ସୁବାସ ଚନ୍ଦ୍ର ଭୋଇ, ବିଜେଡ଼ି ନଗର ସଭାପତି ସୋମନାଥ ମିଶ୍ର, ଯୁବ ସଂଗଠକ ଗୋପୀନାଥ ପଣ୍ଡା ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ୨୦୨୨ବର୍ଷର ସ୍ମୃତି, ଅନୁଭୂତି ବର୍ଣ୍ଣନା କରିବା ସହ ନବବର୍ଷ ୨୦୨୩କୁ ଆଗୁଆ ସ୍ୱାଗତ କରି ସାଂସ୍କୃତିକ କାର୍ଯ୍ୟକ୍ରମର ନେଇଥିଲେ।

# ସେମିରେ ଜାମସେଦପୁର ଏକାଦଶ



ଜାମସେଦପୁରର କୁଶ ଝାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅତିଥିମାନେ ପୁରସ୍କୃତ କରୁଛନ୍ତି।

### ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ

ଅମରପାଲି, ୨୪।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡିଆରେ ଜେଜେଏସସି ଆନୁକୂଲ୍ୟରେ ଚାଲିଥିବା ୨୬ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପର ଶନିବାର ମ୍ୟାଚରେ ୟୁନାଇଟେଡ ଏକାଦଶ ବ୍ରହ୍ମପୁରକୁ ହରାଇ ଜାମସେଦପୁର ଏକାଦଶ (ଟାଟା) ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବ୍ରହ୍ମପୁର ଟସ୍ ଜିଣି ଜାମସେଦପୁରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଜାମସେଦପୁର ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୨୦ଓଭରରେ ୫ ଉଇକେଟ ହରାଇ ୧୬୧ରନ କରିଥିଲା। ଦଳର ଆଶିସ କୁମାର ୫୭ରନ ଓ ସୌରଭ ଚନ୍ଦ୍ରା ୩୬ରନ କରିଥିଲେ। ବ୍ରହ୍ମପୁରର ପିଣ୍ଟୁ ମହାରଣା ୩ଟି ଉଇକେଟ ନେଇଥିଲେ। ଜବାବରେ ବ୍ରହ୍ମପୁର ଦଳ ସତ୍ୟରଞ୍ଜନ ସାମଲ ୨୧ରନ ଓ ସୁଧାକର ଜାନିଙ୍କ ୨୦ରନ ସତ୍ତ୍ୱେ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୯ରନ କରିଥିଲା। ଜାମସେଦପୁରର ଆଦିତ୍ୟ ଚୌଧୁରୀ ୩ଟି ଓ ଗୌରବ ସିଂ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଜାମସେଦପୁର ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୬ରନ କରିଥିଲା। ଦଳର ସୌରଭ ଚନ୍ଦ୍ର ୫୪ରନ ଓ କୁଶ ଝା ୩୫ ରନ ଲେଖାଏ କରିଥିଲେ। ବ୍ରହ୍ମପୁରର କୁନାଲ ପଣ୍ଡା ୨ଟି ଉଇକେଟ ନେଇଥିଲେ। ଜବାବରେ ବ୍ରହ୍ମପୁର ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୮୫ରନ କରିଥିଲା। ଦଳର ସନ୍ତୋଷ ସେଠି ସର୍ବାଧିକ ୩୦ରନ କରିଥିବା ବେଳେ ବିପକ୍ଷ ଜାମସେଦପୁରର କୁଶ ଝା ୩ଟି ଏବଂ ଆଦିତ୍ୟ ଚୌହାନ ଓ ସୌରଭ ଶ୍ରୀବାସ୍ତବ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଜାମସେଦପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଦୁର୍ଜନଟେଲା ସମିତି ସଭ୍ୟା ଇତିଶ୍ରୀ ପ୍ରଧାନ, ମୁର୍ଷୁଣ୍ଡି ସମିତି ସଭ୍ୟ ସଇନ୍ଦୁ ସାହୁ, ମୁର୍ଷୁଣ୍ଡି ସମିତି ସଭ୍ୟା ରୀତା ଗର୍ଡିଆ, ସୁବଳୟା ସମିତି ସଭ୍ୟା ଲିଲି ମେହେର,ବହଳପଦର ସମିତି ସଭ୍ୟା ସୁଗନ୍ଧା ଘିବିଲା, ରଷିଡା(ବଲାଙ୍ଗୀର) ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ମଲ୍ଲିକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ଜାମସେଦପୁରର କୁଶ ଝାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇ ଥିଲା। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ପୃଥ୍ୱୀରାଜ ମିଶ୍ର ଓ ସଞ୍ଜୟ ନାଏକ ପରିଚାଳନା କରିଥିଲେ। ରବିବାର ପୁଲ ଏର ସେମିଫାଇନାଲ ମ୍ୟାଚ ସ୍ୱାର୍ଟନ ଭୁବନେଶ୍ୱର ଓ ଜାମସେଦପୁର ଏକାଦଶ ଟାଟା ମଧ୍ୟରେ ହେବ ବୋଲି ଆୟୋଜକ ଟୁଟୁ ମହାକୁର ପ୍ରକାଶ କରିଛନ୍ତି।



ଅତିଥି ଓ ଖେଳାଳି।

# ଜେଡି ଫୁଟବଲ କ୍ଲବ ଫୁଲବାଣୀକୁ ହରାଇ ଜଗା ୟୁନାଇଟେଡ ଭୁବନେଶ୍ୱର ଫାଇନାଲରେ

### ୨୦ ତମ ରାଜ୍ୟସ୍ତରୀୟ ତିଲେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ,୨୪।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଫ୍ରେଣ୍ଡସ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୦ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଶନିବାର ଥିଲା ପ୍ରଥମ ସେମିଫାଇନାଲ। ପ୍ରଥମ ସେମିଫାଇନାଲ ଖେଳ ଜେଡି ଫୁଟବଲ କ୍ଲବ ଫୁଲବାଣୀ ଓ ଜଗା ୟୁନାଇଟେଡ ଫୁଟବଲ କ୍ଲବ ଭୁବେନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଫୁଲବାଣୀ ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ଜଗା ୟୁନାଇଟେଡ ଭୁବନେଶ୍ୱର ୨ଟି ଗୋଲ ଦେଇଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ନ ଥିବା ବେଳେ ଭୁବନେଶ୍ୱର ୨-୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା କଳ୍ପନା ରାଣୀ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାମଗଡ ସରପଞ୍ଚ ପ୍ରଭାସିନୀ ଯୋଷୀ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ, ସାମାଜିକ କର୍ମୀ ସୁବ୍ରତ ସାହୁ ଓ ଆସୋସିଏଶନର ସଭାପତି ଝୁନୁ ବେହେରା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ପ୍ରଦୀପ୍ତ ମହାନ୍ତି, ଏମ.ଡି ସାକଲିନ ଓ ରାଜୁ ମହାନ୍ତି ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ଦିଲୀପ ରାଉତ ଓ ମ୍ୟାଚ କମିଶନର ଭାବେ ରଞ୍ଜନ କୁମାର ଯୋଷୀ କାର୍ଯ୍ୟ ତୁଲାଇଥିଲେ। ଏହି ଖେଳ ଫ୍ରେଣ୍ଡସ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସୁଶିଲ କୁମାର ଦେହୁରୀ, ଉପସଭାପତି ଦେବରାଜ ପ୍ରଧାନ, ସାଧାରଣ ସମ୍ପାଦକ ରମେଶ ସାମଲ, କାର୍ଯ୍ୟକାରୀ ସମ୍ପାଦକ ପ୍ରସନ୍ନ କୁମାର ଭୋକ୍ରା, ସମ୍ପାଦକ ଅରୁଣ ପ୍ରଧାନ ,ସହ ସମ୍ପାଦକ ସୁଜ୍ଞାନ କର୍ଣ୍ଣ ଓ କୋଷାଧ୍ୟକ୍ଷ ନିକୁଞ୍ଜ କୁମାର ବେହେରାଙ୍କ ସହଯୋଗରେ ଆୟୋଜିତ ହେଉଛି। ରବିବାର ଦିନ ଗ୍ରୁପ ବିର ପ୍ରଥମ ଖେଳ ଚାଉଳିଆଗଞ୍ଜ ଫୁଟବଲ କ୍ଲବ କଟକ ଓ ସାଇସ୍ପୋର୍ଟିଂ ଫୁଟବଲ କ୍ଲବ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହେବ। ଖେଳର ଧାରା ବିବରଣୀ ଭୈରବୀ କନିଷ୍ଠ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋଜ ପାଠୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଜଳିଗଲା ଲକ୍ଷାଧିକ ଟଙ୍କାର ଧାନ ଫସଲ

ଅମରପାଲି,୨୪।୧୨ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲଣ ବୀରମହାରାଜପୁର ଥାନା ଅନ୍ତର୍ଗତ ଖଇରମାଳ ଗାଁରେ ଜଣେ ଚାଷୀଙ୍କ ଜମିରେ ଅମଳ ହେବାକୁ ଥିବା ଧାନ ଫସଲ ଏବଂ ଖଳାରେ ଗଦାକରି ରଖାଥିବା ଧାନ ଫସଲରେ ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗି ଜଳି ଯାଇଥିବା ଧାନ ଫସଲ ଲକ୍ଷାଧିକ ଟଙ୍କାର ହେବା ବୋଲି ଅନୁମାନ କରାଯାଉଛି। ଚାଷୀ ପଦ୍ମଲୋଚନ ବିଶିଙ୍କ ପ୍ରାୟ ୩ ଏକର ଧାନଚାଷ ଅମଳ ଅପେକ୍ଷାରେ ଥିବା ବେଳେ କିଛି ଧାନ ଅମଳ ହୋଇ ଖଳାରେ ଗଚ୍ଛିତ ଥିଲା। ତାଙ୍କ ଖଳା ନିକଟରେ ଅନ୍ୟ ଜଣେ ଚାଷୀଙ୍କ ଖଳା ପ୍ରସ୍ତୁତ କରିବା ପାଇଁ ନିକଟରେ ଥିବା ଅଳିଆ ଆବର୍ଜନାରେ ନିଆଁ ଲଗେଇଥିଲେ। ଲଗେଇଥିବା ନିଆଁ ଧିରେ ଧିରେ ଚାଷୀ ପଦ୍ମଲୋଚନଙ୍କ ଗଚ୍ଛିତ ଓ ଅମଳ ହେବାକୁ ଧାନ ଫସଲରେନିଆଁ ଲାଗିଯାଇଥିଲା। ଖବରପାଇ ବୀରମହାରାଜପୁର ଅଗ୍ନିଶମ ବିଭଗ ଘଟଣାସ୍ଥଳକୁ ଆସି ନିଆଁ ଆୟତ୍ତ କରିଥିଲେ। ଚାଷୀ ଙ୍କ ବର୍ଷକର ପରିଶ୍ରମ ପୋଡିଯାଇଥିବା ବେଳେ ଋଣ ଏବଂ କରଜ କିପରି ଶୁଝିବେ ଏବେ ଚିନ୍ତାରେ ଚାଷୀ। ତୁରନ୍ତ ପ୍ରଶାସନ ଏହାର ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

### ଶ୍ରଦ୍ଧାଞ୍ଜଳି ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ମହିଳା ଅଧକ୍ଷା



ଶ୍ରଦ୍ଧାଞ୍ଜଳି ମିଶ୍ର ।

ସୋନପୁର,୨୪।୧୨(ନି.ପ୍ର.) ଜନସଂଖ୍ୟା ସମାଧାନ ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏହିକ୍ରମରେ ସୁବର୍ଣ୍ଣପୁର ସହରର ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଓଡିଶା ପ୍ରଦେଶ ଶାଖାର ପ୍ରାଦେଶିକ ମହିଳା ଅଧକ୍ଷା କରାଯାଇଛି। ଶ୍ରଦ୍ଧାଞ୍ଜଳି ରାଷ୍ଟ୍ରବାଦୀ ସଂଗଠନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଜିଲା ଓ ରାଜ୍ୟର ସମସ୍ୟାକୁ ନେଇ ସେ ଆନ୍ଦୋଳନ କରିବା ସହ ସାମାଜିକ କାର୍ଯ୍ୟରେ ସକ୍ରିୟ ରହି ଆସିଛନ୍ତି। ଏହି ନୂତନ ଦାୟିତ୍ୱ ପାଇଁ ଶ୍ରଦ୍ଧାଞ୍ଜଳି ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଦେଶର ସମସ୍ତ ନାଗରିକ ଦୁଇଟି ସନ୍ତାନ ଜନ୍ମ ଦେବା ପାଇଁ ଆଇନ ପ୍ରଣୟନ କରିବାକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ଶ୍ରଦ୍ଧାଞ୍ଜଳି ନିଜ ପ୍ରତିକ୍ରିୟାରେ କହିଛନ୍ତି।



ରାକେଶ ସ୍ମାରକୀ କ୍ରିକେଟରେ ବିଜୟୀ ପଣ୍ଡିଆପାଲି ଦଳ।

# ପଣ୍ଡିଆପାଲି ସେମିଫାଇନାଲରେ

### ରାକେଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଅମରପାଲି,୨୩।୧୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ଡିକୁଡା ଗ୍ରାମରେ ଦ୍ୱିତୀୟ ରାକେଶ ସ୍ମାରକୀ କ୍ରିକେଟ ଟର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହଦା ସମିତି ସଭ୍ୟା ପ୍ରତିନିଧି ଆଶିଷ ବଡପଣ୍ଡା ମୁଖ୍ୟ ଅତିଥି, ୱାର୍ଡସଭ୍ୟ ଶତ୍ରୁଘ୍ନ ମିଶ୍ର, କିଶୋର ସେଠୀ, ଗ୍ରାମର ଗୌନ୍ତିଆ ଚିତ୍ତରଞ୍ଜନ ମିଶ୍ର, ସ୍ୱେଚ୍ଛାସେବୀ ବେଟଖିଆ ପଧାନ ଓ ଜାଲୋଏ ହାଇସ୍କୁଲ ଖେଳଶିକ୍ଷକ ସଚ୍ଚିଦାନନ୍ଦ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଉଫୁଲା ଓ ଗୁଞ୍ଜିପାଲି ମଧ୍ୟରେ ହୋଇଥିଲା। ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରତ ୮ ଓଭରରେ ୯୭ ରନ କରିଥିଲା। ଗୁଞ୍ଜିପାଲି ୮ ଓଭରରେ ୯୧ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପାଲିଗାଁ ଓ ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ପାଲିଗାଁ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୯ ଉଇକେଟ ହରାଇ ୩୮ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ୫ଓଭରରେ ଗୋଟିଏ ଉଇକେଟ ହରାଇ ୩୯ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ଉଫୁଲା ଓ ଦ୍ୱିତୀୟ ମ୍ୟାଚ ବିଜେତା ପଣ୍ଡିଆପାଲି ମଧ୍ୟରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚରେ ଉଫୁଲା ୮ଓଭର ରେ ୮ ଉଇକେଟ ହରାଇ ୯୨ ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ୭.୩ ଓଭର ରେ ୨ ଉଇକେଟ ହରାଇ ୯୩ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରୁଛି।

# ଲାଲମନି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ହେଉଛି କ୍ରିକେଟ୍ ଗ୍ରାଉଣ୍ଡ

### ଟର୍ଫ ଉଇକେଟ୍, ଆଉଟ ଫିଲ୍‌ଡରେ ବିଛା ଯାଉଛି ପ୍ଲେଟ ଗ୍ରାସ

ସୋନପୁର,୨୪।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସି ଖବର। ଗାନ୍ଧୀ ପଡିଆକୁ ଆସନ୍ତା ଆନ୍ତଃରାଜ୍ୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ କରାଯାଉଛି। କିଛି ମାସ ପୂର୍ବରୁ ପଡିଆରେ ୪ଟି ଟର୍ଫ ଉଇକେଟ୍ ତିଆରି ହୋଇଛି। ୨ଟି ଟର୍ଫ ଉଇକେଟ୍ ପ୍ରାକ୍ଟିସ ପାଇଁ ଓ ୨ଟି ଟର୍ଫ ଉଇକେଟ୍ ମ୍ୟାଚ୍ ପାଇଁ ପ୍ରସ୍ତୁତ ହୋଇଛି। ଓଡିଶା କ୍ରିକେଟ୍ ଆସୋସିଏଶନ ଏହି ଟର୍ଫ ଉଇକେଟ୍ ପ୍ରସ୍ତୁତ କରିଛି। ଏବେ ଆଉଟ୍ ଫିଲଡ୍‌କୁ ସମତୁଲ କରିବା ସହ ପ୍ଲେଟ ଗ୍ରାସ ବିଛା ଚାଲିଛି । କଲିକତାରୁ ଏହି ପ୍ଲେଟ୍ ଗ୍ରାସ ଆସିଛି। ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ଓ ଓଡିଶା କ୍ରିକେଟ୍ ସଂଘର ମିଳିତ ସହଯୋଗରେ ଏହି କାର୍ଯ୍ୟ ଚାଲିଛି। ଆଗକୁ ପୌର ପରିଷଦ ପକ୍ଷରୁ ପଡିଆର ଡ୍ରେନ୍ ଓ ବାରିକେଡ୍ କାର୍ଯ୍ୟ କରାଯିବ। ଜାନୁଆରୀ ମାସ ଶେଷ ସପ୍ତାହରେ ସମ୍ମାନଜନକ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଥିବା ବେଳେ ପଡିଆ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। କରୋନା ମହାମାରୀ ପାଇଁ ୨ବର୍ଷ ଧରି ଲାଲମନି ଟୁର୍ଣ୍ଣାମେଣ୍ଟ ବନ୍ଦ ଥିଲା । ଚଳିତ ବର୍ଷ ଦର୍ଶକ ଗ୍ୟାଲେରି, ଟର୍ଫ ଉଇକେଟ ଓ ଘାସ ପଡିଆରେ ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିବା ପାଇଁ କ୍ରିକେଟ୍ ପ୍ରେମୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ପ୍ରକାଶ ଯେ, ଏହି ପଡିଆରେ ପୂର୍ବରୁ ବିଶେଷ ସୁବିଧା ନଥିଲେ ହେଁ ଏଠାରେ ଆୟୋଜିତ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମହେନ୍ଦ୍ର ସିଂ ଧୋନି ଓ ବର୍ତ୍ତମାନର ଉଦୀୟମାନ ଜାତୀୟ କ୍ରିକଟ୍ ଖେଳାଳି ଇଶାନ କିଷାନ ମ୍ୟାଚ୍ ଖେଳି ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଛନ୍ତି।



ଗାନ୍ଧୀ ପଡିଆରେ ପ୍ଲେଟ୍ ଗ୍ରାସ ବିଛାଯାଉଛି।

# ବୌଦ୍ଧରେ ଜାତୀୟ ଖାଉଟି ଦିବସ ପାଳିତ

ବୌଦ୍ଧ,୨୪।୧୨(ସ୍ୱ.ପ୍ର.)

ବୌଦ୍ଧ ଟାଉନହଲ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଖାଉଟି ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦର ସଭାପତି ପ୍ରଭାସିନୀ ଦାସ ଯୋଗଦେଇ ଖାଉଟି ଅଧିକାର ଓ ଖାଉଟି ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷା ସୁଭାଷିନୀ ସେଠୀ ଓ ଖାଉଟି ନିଦାନ ମଞ୍ଚର ପ୍ରତିନିଧି ପ୍ରଦିପ କୁମାର ନାୟକ ଯୋଗଦେଇ ଖାଉଟି ସୁରକ୍ଷା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସଚେତନ ଖାଉଟି ହିଁ ସୁରକ୍ଷିତ ଖାଉଟି ବୋଲି ଅତିରିକ୍ତ ଜିଲାପାଳ ଦଳବେହେରା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଜନ ଓ ମାପ ନିରୀକ୍ଷିକା ସାଗରିକା ସାବତ, ଡ୍ରଗ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଧରଣୀଧର ନାୟକ ଯୋଗଦେଇ ଖାଉଟିମାନେ ନିଜର ଅଧିକାର ପାଇଁ ରହିଥିବା ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଅଧାପକ ପ୍ରବୀର କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ମାପ ବିଜ୍ଞାନ ଉପ ନିୟନ୍ତ୍ରକ ଆର ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।



ଖାଉଟି ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

# ଜିଲାସ୍ତରୀୟ ହକି ମହୋତ୍ସବର ଶୁଭାରମ୍ଭ

ଉଲୁଣ୍ଡା,୨୪।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦକ୍ଷୀଣିପାଲି ଖେଳପଡିଆରେ ଜିଲାସ୍ତରୀୟ ହକି ମହୋତ୍ସବର ଶୁଭାରମ୍ଭ ହୋଇଛି। ଜିଲା କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ସଭାରେ ଜିଲାପାଳ ଆବୋଲି ସୁନିଲ ନରୱାଣେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଏସପି ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବିଡିଓ ହେମସାଗର ଭୋଇ, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ଜାତୀୟ ଖେଳ ହକିକୁ ସବୁ ସବୁ ବର୍ଗରେ ଆଦୃତ କରିବା ସହ ହକି ବିଶ୍ୱ କପ ୨୦୨୩ ଖେଳ ମହାକୁମ୍ଭକୁ ଜିଲାବ୍ୟାପୀ ଉତ୍ସାହ ଉଦୀପନାର ସହ ପାଳନ କରିବାକୁ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ। ଏହି ଅବସରରେ ହକି ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ଆଦିବାସୀ ମହିଳା ମାନଙ୍କ ସହିତ ନାଚି ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ବ୍ଲକର ପଞ୍ଚମହଲା, ଜାଲୋଏ, କଳାପଥର ଓ ମହଦା ପଞ୍ଚାୟତରେ ରଥ ପରିକ୍ରମା କରିଛି। କ୍ରୀଡା ଅଧିକାରୀ ଅଭିଲାଷ ପୁରହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଇଓ ଶାନ୍ତନୁ କୁମ୍ଭକାର, ଏବିଇଓ ମୁକେଶ ଭୋଇ, ମାର୍କଣ୍ଡେଶ୍ୱର ମିଶ୍ର,ଏବିଡିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ହିସାବ ରକ୍ଷକ ଶ୍ୟାମଲାଲା ବଂଜାରା, ଜିପିଇଓ ପିତବାସ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ କ୍ଷିରୋଦ୍ର ଭୂଷଣ ରାଏଙ୍କ ସମେତ ବ୍ଲକ ତଥା ଜିଲାସ୍ତରୀୟ ଅଧିକାରୀ ଏବଂ ଏସଏଚଜି ମହିଳା, ମିଶନ ଶକ୍ତି ସଦସ୍ୟ, ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇଥିଲେ।



ହକି ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ବିବେକାନନ୍ଦ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ

**ହେମଗିର, ୨୪।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ବିବେକାନନ୍ଦ ଇଂରାଜୀ ମିଡିୟମ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସ୍କୁଲର ଅଧକ୍ଷା ଅବନ୍ତି ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ହେମଗିର ତହସିଲଦାର ଭିକ୍ଟୋରିଆ ଏକ୍କା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଶକ୍ତି ପ୍ରସାଦ ନାଥ, ହେମଗିରର କୁମାର ସାହେବ ଶୋମେନ୍ଦ୍ର ସିଂଦେଓ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ହେମଗିର ବିଡିଓ ଡାକ୍ତର ଜଗଦିଶ ମହାନନ୍ଦ, ଜିଲା ପରିଷଦ ସଭ୍ୟା ମହିମା ସେଠ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ସଭାପତି ସୁକାନ୍ତ ପତି, ସମ୍ପାଦକ କାଶିନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ, ନମିତା ପ୍ରଧାନ, ମଞ୍ଜୁଲତା ପଟେଲ, ଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ହେମଗିର, ୨୪।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ପଞ୍ଚାୟତ ସମିତି ସେକେଣ୍ଡାରି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଜଦୁମଣୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଲଳିତ ରଞ୍ଜନ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବେଲପାହାଡ କଲେଜର ଅଧକ୍ଷ ଆଶିଷ କୁମାର ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାଣିକେଶରୀ କଲେଜ ତୁମୁଲିଆର ଅଧକ୍ଷ ଖଗେନ୍ଦ୍ର ପ୍ରସାଦ ଅଗସ୍ତି, ଭିପି କଲେଜ ଡୁଡୁକାର ଅଧକ୍ଷ ଅଶୋକ କୁମାର ନାଏକ, ପ୍ରଦୀପ କୁମାର ବହିଦାର, ବଜେନ୍ଦ୍ର କୁମାର ସାହୁ, ଅଶୋକ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଟ୍‌ଫୁଟ, ହାଇଜମ୍ପ, ଲଙ୍ଗଜମ୍ପ,ଦଉଡ ଆଦି ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରେମାନନ୍ଦ ପଟେଲ, ଗଉର ପ୍ରଧାନ, ଆନନ୍ଦ କୁମାର ଦାସ, ପିଇଟି ରୂପେନ୍ଦ୍ର କୁମାର ବାଗ, ନନ୍ଦିତା ନନ୍ଦି, ଦିଲୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ବଡ଼ଗାଁ କପ୍ କ୍ରିକେଟ ଉଦ୍‌ଘାଟିତ: ନବଜୀବନ କ୍ଲବ ବିଜୟୀ

**ବଡ଼ଗାଁ, ୨୪।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନି ଷ୍ଟାଡିୟମରେ ଶୁକ୍ରବାରଠାରୁ ବଡ଼ଗାଁ କପ୍ କ୍ରିକେଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଇଂ. ଅଜେକ ପ୍ରଧାନ, ସତ୍ୟନାରାୟଣ ନାୟକ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସୁନ୍ଦରଗଡ଼ ନବଜୀବନ କ୍ଲବ ଏବଂ ଓସିସି ଜୁନିୟର ଟିମ୍ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ନବଜୀବନ କ୍ଲବ ବିଜୟୀ ହୋଇଛି। ବିଜୟୀ ଟିମ୍‌ର ପ୍ରତୀକ ଯାଦବ ୧୫୭ ରନ୍ କରି ନଟ୍ ଆଉଟ ରହିଥିଲେ। କ୍ଲବର ସମ୍ପିଦ ନାଏକ, ବିପୁଳ ନାୟକ, ମନୋଜ ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସୁନ୍ଦରଗଡ଼ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୋକସଭା

**ସୁନ୍ଦରଗଡ଼, ୨୪।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ସଦସ୍ୟ ଶରତ କୁମାର ପାଣିଗ୍ରାହୀ (ବଲୁ)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା। ତାଙ୍କର ବିୟୋଗରେ ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଶନିବାର ସନ୍ଧ୍ୟାରେ ସଂଘ କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘର କର୍ମକର୍ତ୍ତା ରମଣୀରଞ୍ଜନ ଯୋଶୀ, ବଟକିଶୋର ମିଶ୍ର, ଶ୍ୟାମ ବିହାରୀ ସିଂ, ନରେନ୍ଦ୍ର ସିଂ, ସମରେନ୍ଦ୍ର ପରିଡା, ଯଶୋବନ୍ତ ସାହୁ, ପ୍ରଫୁଲ୍ଲ ସୁନ୍ୟାନୀ, ବାବୁ ପଣ୍ଡା, ବୁବୁ ଧଳ, ବିଶ୍ୱରଞ୍ଜନ ଦାସ, ଉଦୟ ଯାଦବ, ସଞ୍ଜୟ ଦାନୀ, ସୁବାଷ ପଣ୍ଡା, ମନୋଜ ପୂଜାରୀ, ଅରୁଣ ସାହୁ, ଶେଖ ଅଲ୍ଲୀଙ୍କ ସମେତ ସମସ୍ତ ଟ୍ରକମାଲିକ ଯୋଗଦେଇଥିଲେ। ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ପ୍ରାର୍ଥନା କରାଯାଇଥିଲା।

# କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରାଯାଉ

### ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାଜଗାଙ୍ଗପୁରରେ ଡିଭିଜନସ୍ତରୀୟ ସମ୍ମିଳନୀ

**ରାଜଗାଙ୍ଗପୁର, ୨୪।୧୨(ଡି.ଏନ୍.ଏ.)**



କେନ୍ଦୁପତ୍ର କର୍ମଚାରୀ ସଂଘ ଡିଭିଜନସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଜାମ୍ପାଲି ରେଞ୍ଜ ଅଫିସ ପ୍ରାଙ୍ଗଣରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଉରକେଲା ଡିଭିଜନସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କେନ୍ଦୁପତ୍ର ଉପରୁ ଶୀଘ୍ର ଜିଏସ୍‌ଟି ପ୍ରତ୍ୟାହାର କରାଯାଉ ବୋଲି ଦାବି ହୋଇଥିଲା। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ସମ୍ମିଳନୀରେ ଅଧକ୍ଷତା କରିଥିଲେ। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପ ଜିଏସ୍‌ଟି କାଉନସିଲରେ ଉପସ୍ଥାପନ ଏବଂ ସାଂସଦମାନେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଏହାର ପ୍ରତ୍ୟାହାର ପାଇଁ ଦାବି ଜଣାଇଥିବାରୁ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ପ୍ରକାଶ କରାଯାଇଥିଲା। ଏହା ଫିଦାମେଟ କମିଟିରେ ଗୃହୀତ କରି ଶୀଘ୍ର କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ସମ୍ମିଳନୀରେ ଦାବି କରାଯାଇଛି। ସଂଘର ଦାବି ଅନୁକ୍ରମେ ଗତ ୨୪ ତାରିଖ ସଂଘର ୧୨ ଦଫା ଦାବି ମଧ୍ୟରୁ ସର୍କଲ ଚେକରମାନଙ୍କର ବର୍ଷକ ୭ ଦିନରୁ ୧୫ ଗ୍ରାଚୁଟି ଦେବା ଦାବିକୁ ପୂରଣ କରିବା, ସମସ୍ତ ଶ୍ରମିକଙ୍କୁ ଛାତ୍ରବୃତ୍ତି ଦେବା, ସମସ୍ତ ତୋଳାଳିଙ୍କୁ ପରିଚୟ କାର୍ଡ ଦେବା, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ତୋଳାଳୀମାନଙ୍କୁ ୧୦୦୦ ଟଙ୍କା ଓ ସିଜିନାଲ କର୍ମଚାରୀମାନଙ୍କୁ ୧୫୦୦ ଟଙ୍କା ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଥିଲା। ସଂଘର ଅନ୍ୟାନ୍ୟ ଦାବି ମଧ୍ୟରେ କନ୍ୟା ବିବାହ ସହାୟତା, ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରୀ ବୃଦ୍ଧି ପାଇଁ ପଦକ୍ଷେପ ନେବା, ସିଜିନାଲ କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ପ୍ରଣୟନ କରିବା ଏବଂ ବୋନସ ପରିମାଣ ବୃଦ୍ଧି କରିବା ପ୍ରଭୃତି ଦାବିଗୁଡିକୁ ପୂରଣ କରିବା ଦିଗରେ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଉକ୍ତ ଡିଭିଜନ କର୍ମଚାରୀମାନଙ୍କର ପଦବୀ ଖାଲି ଥିବା ଦୃଷ୍ଟିକୋଣରୁ ଜାନୁଆରୀ ମାସରେ ଏ ସବୁ ପୂରଣ କରିବାକୁ ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକ, ରେଞ୍ଜ ଅଫିସର ନବୀନ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦୁପତ୍ର ସଂସ୍ଥାର ଉନ୍ନତି ଏବଂ ସଂଘକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଶୋଭାରାମ ପ୍ରଧାନ, ଦୃତିଆ ନାୟକ, ଦୁଲେଶ୍ୱର୍ ମହକୁଲ, ବିରଞ୍ଚି ରାଉତ, ପର୍ଶୁରାମ ଭାଇଁସାଲ, ସୁଶିଳ କୁକୁର, ସୁମିତ୍ରା ସିଂହ, ପୁନିଆ ଚୁନିଆ, ସବିତା ମାଝି, ବାସନ୍ତୀ ଲାକ୍ରା, ତ୍ରିଲୋଚନ କିଷାନ, ନରହରି ନାୟକ , ସାନିକ ଓରାମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୋଷ୍ଟର ମେକିଙ୍ଗ୍ କର୍ମଶାଳା ଉଦ୍‌ଯାପିତ

**ସୁନ୍ଦରଗଡ଼, ୨୪।୧୨(ଡି.ଏନ.ଏ.)**

ୟୁନିଭର୍ସାଲ ହେଲଥ୍ କଭରେଜ ଡେ -୨୦୨୨ ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ତରଫରୁ ସ୍ଥାନୀୟ କଳାୟତନ 'ଆର୍ଟ ଏଣ୍ଡ କ୍ରାଫ୍ଟ' ମହାବିଦ୍ୟାଳୟ ପରିସରରେ ଏକ ପୋଷ୍ଟର ମେକିଙ୍ଗ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୨୦ ଜଣ ଯୁବ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଶିଳ୍ପୀମାନେ ସେମାନଙ୍କ ରଙ୍ଗ ଓ ତୂଳୀର ସ୍ୱର୍ଶରେ କ୍ୟାନଭାସ ଉପରେ ମଣିଷ ସମାଜ ପାଇଁ ସ୍ୱାସ୍ଥ୍ୟ ହିଁ ଏକ ମୁଖ୍ୟ ତଥା ଅମୂଲ୍ୟ ସମ୍ପଦ ବୋଲି ଦର୍ଶାଇଥିଲେ। ମଣିଷ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେଇ ପାରିଲେ କିପରି ସବୁ କାର୍ଯ୍ୟ ସୁରୁଖୁରୁରେ କରିପାରିବେ ସେହି ବାର୍ତ୍ତା ଶିଳ୍ପୀମାନଙ୍କ କଳାକୃତୀରୁ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ଶିଳ୍ପୀମାନଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷାବିତ ଡ.ଦଳଗଞ୍ଜନ ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା ମୁଖ୍ୟ ଚିକିତ୍ସାଳୟର ଡିଏମଓ ଡା.ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବାନ ଆଲୋଚନା କରି ଶିଳ୍ପୀମାନଙ୍କ ପ୍ରତିଟି ଚିତ୍ରରେ ପ୍ରକାଶିତ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶିଳ୍ପୀ ଶୀତଳ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଶିଳ୍ପୀ ପଙ୍କଜ ଭୁଏ ପ୍ରଥମ, ଶିଳ୍ପୀ କୁନାଲ ସାହୁ ଦ୍ୱିତୀୟ, ସୁଜନମତୀ ଏକ୍କା ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ ଜିଲା ସ୍ୱାସ୍ଥ୍ୟ ସମିତିର ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମହେନ୍ଦ୍ର ବାଗ ଓ ତାଙ୍କ ସହଯୋଗୀଙ୍କ ସହ କଳାୟତନର ଅଧ୍ୟାପକ କେଦାର ନାଏକ, ନିରଞ୍ଜନ ପାତ୍ର, ନରେଶ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ପୋଷ୍ଟର ମେକିଙ୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

## ଜାତୀୟ ଖାଉଟି ଦିବସ ପାଳିତ



ଜାତୀୟ ଖାଉଟି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଦେବଗଡ଼, ୨୪।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲା ଉପନିୟନ୍ତ୍ରଣ ଓ ବୈଧ ମାପ ବିଜ୍ଞାନ ବିଭାଗ ଦ୍ୱାରା ଏକ ଜାତୀୟ ଖାଉଟି ଦିବସ -୨୦୨୨ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଜାତୀୟ ଖାଉଟି ଦିବସ ଉପଲକ୍ଷେ ଜନସାଧାରଣ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସୁଲଭ ମୂଲ୍ୟରେ ଜିନିଷ କିଣିଲାବେଳେ ତାର ମୂଲ୍ୟ ଓ ଏକ୍ସପାରି ପ୍ରତି ଧ୍ୟାନ ଦେବା ସମସ୍ତଙ୍କର କର୍ତ୍ତବ୍ୟ। ଏଥିରେ ବିକ୍ରୟ କରୁଥିବା ଦୋକାନି ଯଦି କିଣୁଥିବା ଗ୍ରାହକ ଲୋକମାନଙ୍କୁ ଠିକ୍ ମୂଲ୍ୟରେ ଜିନିଷ ନ ଦିଅନ୍ତି, ତେବେ କିଣୁଥିବା ଲୋକ ଯଦି ଦୋକାନି ବିରୋଧରେ ଅଭିଯୋଗ ଖାଉଟି ଅଦାଲତରେ ଆଣନ୍ତି ତେବେ ଦୋକାନୀଙ୍କୁ କାର୍ଯ୍ୟାନୁଷ୍ଠାନରେ ଦଣ୍ଡିତ କରାଯାଏ ବୋଲି ଅତିଥି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦୀପକ ମହାପାତ୍ର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦର ଅଧକ୍ଷା ଶାନ୍ତିମଞ୍ଜରୀ ଦେଈ, ତିନି ବ୍ଲକର ଚେୟାରମ୍ୟାନ, ସରପଞ୍ଚ, କାଉନସିଲର, ବୀର ସୁରେନ୍ଦ୍ର ସାଏ ଯୁବକ ସଂଘର ସମ୍ପାଦକ ଅମୀୟ ପ୍ରସାଦ ମିଶ୍ର, ସଂଗ୍ରାମ ଜିତ କୁଅଁର, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ଓ କର୍ମଚାରୀ ବୈଧମାପ ନିରୀକ୍ଷକ ବବିତା ରାଣୀ କିଷାନ ଉପସ୍ଥିତ ଥିଲେ। ଶେଷରେ ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ରଞ୍ଜନା କୁମାରୀ ପଟେଲ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଲହୁଣୀପଡ଼ା, ୨୪।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ମିଶରପାଲିସ୍ଥିତ କାର୍ଯ୍ୟାଳୟରେ ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଡକ୍ଟର ଅଞ୍ଜୁ ୱାରିଅର୍‌ଙ୍କୁ ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟାଙ୍କୁ ଝାରସୁଗୁଡା ବିମାନ ବନ୍ଦରରୁ ବଣାଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ସ୍ୱାଗତ କରି ବଣାଇ ଅଭିମୁଖେ ପାଛୋଟି ଆଣିଥିଲେ। ସକାଳୁ ବଣାଇର ଆରାଧ ଦେବତା ବାବା ବାଣେଶ୍ୱରଙ୍କ ଦର୍ଶନ କରିଥିଲେ। ଜିଲା କାର୍ଯ୍ୟାଳୟ ରାଜାମୁଣ୍ଡାଠାରେ ମହିଳା ମୋର୍ଚ୍ଚା ପଦାଧିକାରୀଙ୍କୁ ନେଇ ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜୟନ୍ତୀ ମାହାନ୍ତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଡକ୍ଟର ଅଞ୍ଜୁ ୱାରିଅର୍ ଯୋଗ ଦେଇ ମୋଦି ସରକାରଙ୍କ ନେତୃତ୍ୱରେ ମହିଳା ସଶକ୍ତିକରଣ,ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସଭାପତି ଅନିଲ କୁମାର ବାର୍ଲା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ବଣାଇ ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ପ୍ରମିଳା ଦାସ, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ଜିଲା ଉପସଭାପତି ମିଥିଳା ପାତ୍ର, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବନ ଜ୍ୟୋତ୍ସ୍ନା ମହାନ୍ତି, ଦେବଲୀନା ମାହାନ୍ତ, ଉପସଭାପତି ଗୀତା ଜୈସୱାଲ, ଟିକେଶ୍ୱରୀ ଗଡ଼ନାୟକ, ଜୟନ୍ତୀ ବାରିକ, ସୁନିତା ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଯମୁନା ମୁଣ୍ଡା, ନିରେଶ୍ୱରୀ ମାହାନ୍ତ ପ୍ରମୁଖଙ୍କ ସମେତ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସଭା ଶେଷରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ନିକଟସ୍ଥ ଗ୍ରାମଗୁଡିକୁ ଯାଇ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ଲାଭାର୍ଥୀମାନଙ୍କ ସହ ବାର୍ତ୍ତାଳାପ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ମଦଭାଟିରେ ଗ୍ରାମବାସୀଙ୍କ ଉନ୍ମତ୍ତକାଣ୍ଡ

### ମାଡ଼ମାରି ଗାଡ଼ି ଭାଙ୍ଗିଲେ

**ରାଜଗାଙ୍ଗପୁର, ୨୪।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। କରଲାକାନି ଗ୍ରାମର ପ୍ରାୟ କୋଡିଏରୁ ଉର୍ଦ୍ଧ୍ୱ ବ୍ୟକ୍ତି ଠେଙ୍ଗା ବାଡି ଧରି ରାଜଗାଙ୍ଗପୁର ଲିପଲୋଇସ୍ଥିତ ଦେଶୀ ମଦ ଭାଟିରେ ପଶି ଉନ୍ମତକାଣ୍ଡ ଭିଆଇଛନ୍ତି। ଦୁଇଜଣ ଭାଟି କର୍ମଚାରୀଙ୍କୁ ପ୍ରବଳ ମାଡ ମାରିବା ସହ ଭାଟିରେ ଥିବା ଗାଡିଗୁଡିକୁ ବାଡେଇ ଭାଙ୍ଗି ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଶନିବାର ବଡିଭୋରୁ ତାଙ୍କ ଗ୍ରାମର ଜଣେ ପୁରୁଷ ଓ ମହିଳା ମୋଟରସାଇକେଲ ଯୋଗେ ରାଜଗାଙ୍ଗପୁର ନାୟାର ଛକଠାରେ ଯାଉଥିବା ସମୟରେ ଭାଟି କର୍ମଚାରୀ ମୋଟରସାଇକେଲର ପଛରେ ବସିଥିବା ମହିଳାଙ୍କୁ ଟାଣିଦେବା ଯୋଗୁଁ ସେମାନେ ମୋଟରସାଇକେଲରୁ ପଡ଼ି ଖଣ୍ଡିଆଖାବରା ହୋଇଯାଇଥିଲେ। ଏହି ଘଟଣାରେ ଉଭୟ ପକ୍ଷରୁ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ରାଜଗାଙ୍ଗପୁର ପୋଲିସ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟ ପକ୍ଷରେ ପୀଡିତମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

## ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ଅଧିକାର ମିଶନ କର୍ମଶାଳା



ଛାତ୍ରୀମାନଙ୍କୁ ବ୍ୟାଗ ପ୍ରଦାନ କରାଯାଉଛି।

**ସୁନ୍ଦରଗଡ଼, ୨୪।୧୨(ଡି.ଏନ୍.ଏ.)**

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସପ୍ତାହବ୍ୟାପୀ ବାଳିକା ଅଧିକାର ମିଶନ ଶୀତକାଳୀନ କର୍ମଶାଳା ଶନିବାରଠାରୁ ଆରମ୍ଭ ହୋଇଛି। ସପ୍ତାହ ବ୍ୟାପୀ ଆୟୋଜିତ ଏହି କର୍ମଶାଳାକୁ ଏନ୍‌ଟିପିସି ଦର୍ଲିପାଲିର ସିଜିଏମ୍ (ମହାପ୍ରବନ୍ଧକ)ଅଜୟ କୁମାର ଟଣ୍ଡନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କର୍ମଶାଳା ଅବସରରେ ଛାତ୍ରୀମାନଙ୍କୁ ବ୍ୟାଗ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ପ୍ରକଳ୍ପ ଆଖପାଖ ଗ୍ରାମର ସରକାରୀ ବିଦ୍ୟାଳୟଗୁଡ଼ିକରୁ ୩୮ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ପୂର୍ବରୁ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଗତ ମେ ରୁ ଜୁଲାଇ ଦୀର୍ଘ ୪ ସପ୍ତାହ ଧରି ବାଳିକା ଅଧିକାର ମିଶନ କର୍ମଶାଳା ଆୟୋଜିତ ହୋଇଥିଲା। ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି କର୍ମଶାଳାରେ ବିଭିନ୍ନ ଅଧିକାର ଉପରେ ପ୍ରଶିକ୍ଷଣ ପ୍ରଦାନ ସହ ସେମାନଙ୍କର ବିକାଶ ପାଇଁ ପରୀକ୍ଷଣ କରାଯିବ। ଏହି ଅବସରରେ ପ୍ରକଳ୍ପର ମହାପ୍ରବନ୍ଧକ ଟଣ୍ଡନ ଏହି କର୍ମଶାଳା ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଏହା ବାଳିକା ଓ ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଏକ ପ୍ରତୀକ କହିଥିଲେ। ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ଆସନ୍ତା ୨୦୨୩ରେ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ୧୨୦ ଛାତ୍ରୀଙ୍କୁ ନେଇ ବଡଧରଣର କର୍ମଶାଳା ଆୟୋଜନ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍‌ଟିପିସି ଦର୍ଲିପାଲି ସମେତ ରାଏଡିହି ଓ କନକତୁରା ଗ୍ରାମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ପ୍ରକଳ୍ପର ଅଧିକାରୀ ଏଚ୍‌ଏନ ଚକ୍ରବର୍ତ୍ତୀ, ଅର୍ଣ୍ଣବ ମିଶ୍ର, ବିଶାଲ ମାଥୁର, ସଞ୍ଜୟ ଶ୍ରୀବାସ୍ତବ, ସୁଭାଷ ଠାକୁର ଓ ଅଲିଭା ଲେଡସ କ୍ଲବର ବରିଷ୍ଠ ସଦସ୍ୟାମାନେ ଉପସ୍ଥିତ ଥିଲେ।

## କୁଆଁରମୁଣ୍ଡାରେ ଧାନମଣ୍ଡି ଉଦ୍‌ଘାଟିତ

**କୁଆଁରମୁଣ୍ଡା, ୨୪।୧୨(ଡିଏନଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲ୍ୟାମ୍ପ ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଲ୍ୟାମ୍ପ ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଧାନମଣ୍ଡି ଶୁଭାରମ୍ଭକୁ ବ୍ଲକ ଯୋଗାଣ ନିରୀକ୍ଷକ ମୋହିତ କୁମାର ଭୋଇ ଫିତାକାଟି ଉଦ୍‌ଘାଟନ କରଛନ୍ତି। ସେହିପରି କଟାରୁ ମଣ୍ଡିକୁ ବିଡିଓ ତୃପ୍ତି ବରାଇ ଉଦ୍‌ଘାଟନ କରିଥିବା ବେଳେ ରାଏବୋଗା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି ରାଏବଗା ମଣ୍ଡିକୁ ଉଦ୍‌ଘାଟନ କରଛନ୍ତି। ଏହି ଅବସରରେ କଟାରୁ ମଣ୍ଡିରୁ ୨୨୫ କୁଇଣ୍ଟାଲ, କୁଆଁରମୁଣ୍ଡା ମଣ୍ଡିରୁ ୭୧ କୁଇଣ୍ଟାଲ ଓ ରାଏବୋଗା ମଣ୍ଡିରୁ ୩୪ କୁଇଣ୍ଟାଲ ଧାନ ଚାଷୀଙ୍କ ଠାରୁ ସଂଗ୍ରହ କରାଯାଇଛି । ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଲ୍ୟାମ୍ପର ଏମ୍‌ଡି ରଣଜିତ୍ ଲାକ୍ରା, ଶରତ ମାଝି, ଲକ୍ଷ୍ମୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ,ପିଇଓ ଦେବବ୍ରତ ଦାସ, ବିପିଏମ ପ୍ରସନ୍ନ କୁମାର ମୋଦି ଓ ଆରଏମସି ପକ୍ଷରୁ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧାନ ସଂଗ୍ରହ ରବିବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଚାଲୁ ରହିବ ବୋଲି ସୂଚନା ମିଳିଛି। ଦଲାଲଙ୍କ ଠାରୁ ଦୂରେଇ ରହି ସରକାରୀ ମୂଲ୍ୟରେ ଏହି ମଣ୍ଡିଗୁଡିକରେ ଧାନ ବିକ୍ରି ଲାଭବାନ ହେବାକୁ ପରାମର୍ଶ ଦିଆଯାଇଛି ।

## ନିକିତା ଇଂଲିଶ ମାଧମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ଲହୁଣୀପଡ଼ା, ୨୪।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାସ୍ଥିତ ନିକିତା ଇଂଲିଶ ମାଧମ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିକିତା ଇଂରାଜୀ ମାଧମ ବିଦ୍ୟାଳୟର ଟ୍ରଷ୍ଟି ଶରତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଚିନ୍ତାମଣି ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଗୀତା ସୋନାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଅଶୋକ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ସହ ସ୍ୱାଗତ ସଙ୍ଗୀତ ଗାଇ ସ୍ୱାଗତ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟରେ ପାଠପଢି କୃତିତ୍ୱ ଅର୍ଜନ କରିଥିବା ଦୁଇ ଜଣ ଛାତ୍ରୀଛାତ୍ର ଡାକ୍ତରୀ ପଢ଼ିବାର ଯୋଗ୍ୟତା ହାସଲ କରିଥିବାରୁ ବିଦ୍ୟାଳୟ ତରଫରୁ ଏନ.ଲକ୍ଷ୍ମୀ ଓ ଅଭିଷେକ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ଶିକ୍ଷୟିତ୍ରୀ ମଧୁ ମାଧେସିୟା ଧନ୍ୟବାଦ ଅର୍ପଣ କରିଥିଲେ। ପୟସ୍ୱିନି ମାହାନ୍ତ, ପ୍ରିୟବ୍ରତ ପରିଡା, ପ୍ରୀତମ କୁମାର ଦାସ, ଶିଭମ ଜୟସ୍ୱାଲ, ହୀରଣ୍ୟମୟୀ ଖଡ଼ିରତ୍ନ, ପ୍ରୀତି ବୁଢ଼, ରୁକ୍ମଣୀ ମାହାନ୍ତ, ରଜନୀ ହାପଡ଼ଗାରା, ହେମବତୀ ବିଶୋଇ, ସନ୍ତୋଷ ଗୋପ, ମୋନାଲିସା ଦାସ, ସଙ୍ଗୀତା ଦାସ, ପ୍ରେମୀ ହେମ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଉରକେଲାକୁ ହରାଇ କେନ୍ଦୁଝର ସେମିଫାଇନାଲରେ

### ୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଦେବଗଡ଼, ୨୪।୧୨(ଡି.ଏନ୍.ଏ.)**



ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରରେ ଅତିଥି, କର୍ମକର୍ତ୍ତା, ଖେଳାଳି।

ଦେବଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଖେଳରେ ରାଉରକେଲାକୁ ହରାଇ କେନ୍ଦୁଝର ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ରାଉରକେଲା ୟୁଥ କ୍ଲବ ବନାମ କେନ୍ଦୁଝର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ଦଳ ୩ ଉଇକେଟରେ ରାଉରକେଲାକୁ ପରାସ୍ତ କରିଛି। କେନ୍ଦୁଝର ଦଳ ଟସ୍ ଜିତି ରାଉରକେଲାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରାଉରକେଲା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୧୪ ରନ୍ କରିଥିଲେ। ଦଳ ପକ୍ଷରୁ ସତୀଶ ସିଂ ୨୫ ଓ ନିତେଶ ସାହୁ ୨୦ ରନ୍ କରିଥିବାବେଳେ କେନ୍ଦୁଝର ଦଳର ସାଇ ସୁବ୍ରତ ଜେନା, ପ୍ରଶାନ୍ତ ଚୌହାନ, ରତିକାନ୍ତ ମହାନ୍ତ ଓ ଇମ୍ରାନ ଖାନ୍ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ କେନ୍ଦୁଝର ଦଳ ବ୍ୟାଟିଂ ଆରମ୍ଭ କରି ୧୮.୧ ଓଭରରେ ୭ ଉଇକେଟ ହରାଇ ୧୧୮ ରନ୍ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ଗୌରୀସ ପାତ୍ର ୩୧, ସୌରଭସ୍ୱୟଂ ପ୍ରକାଶ ୨୦ କରିଥିବାବେଳେ ରାଉରକେଲା ଦଳର ଏମ୍‌ଡି ଏକ୍ରମ ଓ ରବି ଗୋପ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚରେ ବେଷ୍ଟ ବୋଲର ଭାବେ କେନ୍ଦୁଝର ଦଳର ପ୍ରଶାନ୍ତ ଚୌହାନ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ କେନ୍ଦୁଝର ଦଳର ସୌରଭ ସ୍ୱୟଂ ପ୍ରକାଶ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଗୌରିସ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ଉପସଭାପତି ଅଶୋକ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତାରଣୀ ଉତ୍ସବରେ ଜିଲା ବିଜେଡ଼ି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧକ୍ଷ ମଧୁସୁଦନ ପ୍ରଧାନ, ଜିଲା ସରପଞ୍ଚ ସଂଘ ସମ୍ପାଦକ ପ୍ରକାଶ କୁମାର ଆଚାର୍ଯ୍ୟ ଯୋଗଦେଇ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଉପସଭାପତି ସତ୍ୟ ନାରାୟଣ ପାଣି ଅତିଥି ପରିଚୟ ଓ ସନ୍ତୋଷ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର ସତ୍ୟପ୍ରସାଦ ରଥ, ସୌମ୍ୟଦର୍ଶନ ମହାନ୍ତି ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ରୋମି ନାୟକ, ଟିଡିକ ଦେହୁରୀ ଏବଂ ରମାକାନ୍ତ ପ୍ରଧାନ ଧାରା ବିବରଣୀ ଦେଇଥିଲେ। କ୍ଲବର ସଦସ୍ୟ ପ୍ରଭାତ ପ୍ରଧାନ, ବସନ୍ତ ବେହେରା, ବେଣୁଧର ଗଡ଼ନାଏକ, ମୋତିଲାଲ ଶର୍ମା, ସୁଶୀଳ ନାୟକ, ପ୍ରଦ୍ୟୁମ୍ନ ଭୁକ୍ତା, ଭୋଳାନାଥ ଦାସ, ଅଜିତ ମୋଦି, ହରେକୃଷ୍ଣ ସାହୁ , ଅଶୋକ ନାୟକ, ଅଶୋକ ଅଗ୍ରୱାଲ, ଅଭୟ ନନ୍ଦ, ଜୟନ୍ତ ସାହୁ ପ୍ରମୁଖ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା।

